ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୨୨
୧୮ ଜାନୁଆରୀ, ୨୦୨୬ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 222
18th January, 2026 Sunday
Bhubaneswar

ODISHA EXPRESS   SIGHTS TRUTH WRITES TRUTH   ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in   E-mail : odishaexpress@gmail.com   RNI Regd. No. ODIODI/2006/23033   Postal Regd. No. : BN/169/13-15   ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଅଶକ୍ତସ୍ତୁ ଭବେତ୍‌ସାଧୁ-ବ୍ରହ୍ମଚାରୀ ଚ ନିର୍ଦ୍ଧନଃ
ବ୍ୟାଧିଷ୍ଟୋ ଦେବଭକ୍ତଶ୍ଚ ବୃଦ୍ଧାନାରୀ ପତିବ୍ରତା ।**

ଶକ୍ତି-ସାମର୍ଥ୍ୟହୀନ ପୁରୁଷ ସାଧୁ ହୋଇଥାଏ, ନିର୍ଦ୍ଧନ ହୁଏ ବ୍ରହ୍ମଚାରୀ, ରୋଗାକ୍ରାନ୍ତ ବ୍ୟକ୍ତି ଦେବଭକ୍ତ ହୋଇଥାଏ ଏବଂ ବୃଦ୍ଧା ସ୍ତ୍ରୀ ହୋଇଥାଏ ପତିବ୍ରତା ।

# ଆସନ୍ତାବର୍ଷ ଫେବୃଆରୀରେ ପଞ୍ଚାୟତ-ପୌର ନିର୍ବାଚନ

**କଟକ,୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

- ମାର୍ଚ୍ଚ ସୁଦ୍ଧା ସରିବ ଭୋଟର ସର୍ଭେ
- ଏସଆଇଆର ସହିତ ସର୍ଭେର କୌଣସି ସଂପର୍କ ନାହିଁ
- ଆବଶ୍ୟକ ସ୍ଥଳେ ବୁଥ ପୁର୍ନଗଠନ ହେବ

ଆଗାମୀ ପଂଚାୟତ ଓ ସହରାଞ୍ଚଳ ପରିଷଦ ସାଧାରଣ ନିର୍ବାଚନ ନିମନ୍ତେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଆଦି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧୀନ ୧୦ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମ୍ମିଳନୀ ଶନିବାର ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ି ଯୋଗଦେଇ ଏକ ସ୍ୱଚ୍ଛ, ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ବିବିଧ ପଦକ୍ଷେପ ଗ୍ରହଣ ସଂପର୍କରେ ଆଲୋଚନା କରିଥିଲେ । ଘରକୁ ଘର ବୁଲି ସର୍ଭେ କରିବା, ମୃତ ଭୋଟରମାନଙ୍କ ନାମ ବାଦ ଦେବା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ସୂଚାରୁ ରୂପେ ସଂପାଦନ ଦିଗରେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ଆସନ୍ତା ବର୍ଷ ଜାନୁୟାରୀ ଓ ଫେବୃୟାରୀରେ ପଂଚାୟତ ଓ ପୌର ନିର୍ବାଚନ ହୋଇପାରେ ବୋଲି ଆଜି ପ୍ରସ୍ତୁତି ବୈଠକ ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି । ପଂଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ଭୋଟର ସର୍ଭେ ହେବ । ଆସନ୍ତା ମାର୍ଚ୍ଚ ସୁଦ୍ଧା ଭୋଟର ସର୍ଭେ ସରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି । ଏସଆଇଆର ସହିତ ଏହି ସର୍ଭେର କୌଣସି ସଂପର୍କ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି । ବୁଥ ପୁର୍ନଗଠନ ଓ ଭୋଟରଙ୍କ ନିକଟତମ ସ୍ଥାନରେ ବୁଥ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ବ୍ୟାଲେଟ ବାକ୍ସର ବର୍ତ୍ତମାନର ସ୍ଥିତି ସମୀକ୍ଷା, ଗୋଟିଏ ସ୍ଥାନରେ ୫ରୁ ଅଧିକ ବୁଥ ନ ରଖିବା,




ଅଧିକ ବୁଥ ଥିବା ସ୍ଥାନକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା, ୱାଲଟ କାଗଜ ପ୍ରିଂଟ, ଉଭୟ ଭୋଟ ଗଣତି କେନ୍ଦ୍ର ନିକଟ ସମସ୍ତ ବିଡ଼ିଓ ଓ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ସହରାଞ୍ଚଳ ପରିଷଦ ବୁଥ ଗୁଡ଼ିକର ନିରୂପଣ ଅତି ଜରୁରୀ ବୋଲି ଶ୍ରୀ ପାଢ଼ି ତାଙ୍କ ଆଲୋଚନା ମାଧ୍ୟମରେ ଦର୍ଶାଇଥିଲେ । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଉକ୍ତ ସମ୍ମିଳନୀରେ ପୌରହିତ୍ୟ କରି ଆଗାମୀ ୨୦୨୭ ତ୍ରିସ୍ତରୀୟ ପଂଚାୟତ ଓ ସହରାଞ୍ଚଳ ପରିଷଦ ସାଧାରଣ ନିର୍ବାଚନ ପ୍ରକ୍ରିୟା ଅବାଧ, ମୁକ୍ତ ଏବଂ ନିରପେକ୍ଷ ଭାବେ ସଂପାଦନ ଦିଗରେ ପରାମର୍ଶ ଦେଇଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ ଦାସଙ୍କ ପକ୍ଷରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସରକାରଙ୍କ ଅନୁମତି ପରେ ଗଣତି ମଣତି

**ପୁରୀ,୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତି ମଣତି ପ୍ରସଙ୍ଗରେ ପ୍ରସ୍ତୁତ ହୋଇଥିବା ଏସଓପିକୁ ପରିଚାଳନା କମିଟି ବୈଠକରେ ଅନୁମୋଦନ । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଆରମ୍ଭ ହେବ ଗଣତି ମଣତି ପ୍ରକ୍ରିୟା । ଶୁଭ ଦିନ, ବେଳା ଓ ସମୟ ଦେଖି କରାଯିବ ଗଣତି ମଣତି । ୧୧ ପୃଷ୍ଠାର ଏସଓପି ପ୍ରସ୍ତୁତ ହୋଇଛି । ରତ୍ନ ଅଳଙ୍କାରର ଡିଜିଟାଇଜେସନ କରାଯିବ । ଏ ନେଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

ସେପଟେ ଶ୍ରୀମନ୍ଦିର ପ୍ରଶାସନ ଭକ୍ତ ନିବାସରେ ଚାରିଚକିଆ ଯାନ ପାଇଁ ପାର୍କିଂ ଫି' ୫ ଶହ ଟଙ୍କାର ନିଜ ନିଷ୍ପତ୍ତିରୁ ଓହରିଛି ଶ୍ରୀମନ୍ଦିର ପ୍ରଶାସନ । ଦାମ୍ ବଢ଼ାଇବା ପରେ ଆରମ୍ଭ ହୋଇଥିଲା ବିବାଦ । କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଷ୍ପତ୍ତିରୁ ଓହରିନଥିଲା । ଏପିରିକି ପାର୍କିଂ ଫି ବୃଦ୍ଧି ନିଷ୍ପତ୍ତିରୁ ପ୍ରଶାସନ ଓହରିବ ନାହିଁ ବୋଲି ରୋକଠୋକ୍ କହିଥିଲା ପ୍ରଶାସନ । କିନ୍ତୁ ଏବେ ପ୍ରଶାସନର ଚେତା ପଶିଛି । ଶେଷରେ ଏବେ ନିଜ ନିଷ୍ପତ୍ତିରୁ ଓହରିଛି ଶ୍ରୀମନ୍ଦିର ପ୍ରଶାସନ । ପାର୍କିଂ ଫି ଦିନକୁ ୫ଶହ ଟଙ୍କା ବଦଳରେ ୨୪୦ ଟଙ୍କା ରଖାଯିବ । ଏହି ନିୟମ ଆସନ୍ତାକାଲି (୧୮ ଜାନୁଆରୀ) ଠାରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୨୪ରୁ ଗଡ଼ିବନି ଘରୋଇ ବସ !

**କଟକ,୧୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୪ରୁ ଗଡ଼ିବନି ଘରୋଇ ବସ । ମୁଖ୍ୟମନ୍ତ୍ରୀ ବସ ବ୍ଲକରୁ ଜିଲ୍ଲା ହେଡ଼କ୍ୱାର୍ଟରକୁ ଆସିବାକୁ ନେଇ ବିବାଦ ଦେଖାଦେଇଛି । ମୁଖ୍ୟମନ୍ତ୍ରୀ ବସ ସେବା ବନ୍ଦ କରିବାକୁ ଘରୋଇ ବସ ମାଲିକ ସଂଘ ଦାବି କରିଛି । ଆସନ୍ତା ୨୩ ତାରିଖ ସୁଦ୍ଧା ଦାବିର ସମାଧାନ କରିବା ପାଇଁ ସଂଘ ଚେତାବନୀ ଦେଇଛି । ଏ ନେଇ ଘରୋଇ ବସ ମାଲିକ ସଂଘର ସଂପାଦକ ଦେବେନ୍ଦ୍ର ସାହୁଙ୍କ ପକ୍ଷରୁ ଏହି ସୂଚନା ମିଳିଛି । ଯଦି ୨୩ ତାରିଖ ସୁଦ୍ଧା କୌଣସି ସମାଧାନ ନହୁଏ, ତେବେ ୨୪ ତାରିଖରୁ କଟକରେ ସମସ୍ତ ଘରୋଇ ବସ ବନ୍ଦ ରହିବ । କଟକକୁ ବାହାରୁ କୌଣସି ବସକୁ ଆସିବାକୁ ଦିଆଯିବ ନାହିଁ । ଏ ନେଇ ଘରୋଇ ବସ ମାଲିକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରିବ । ଯଦି ମୁଖ୍ୟମନ୍ତ୍ରୀ ନ ଶୁଣିଲେ ତେବେ ୨୪ ତାରିଖ ପରେ ସାରା ରାଜ୍ୟରେ ବସ ସେବା ବନ୍ଦ କରିଯବ ବୋଲି ଘରୋଇ ବସ ମାଲିକ ସଂଘର ସଂପାଦକ ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

# କାର-ଅଟୋ ଧକ୍କା ପୋଡ଼ିଯାଇ ଜଣେ ମୃତ

**ଫୁଲବାଣୀ,୧୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଲବାଣୀ ସହର ଉପକଣ୍ଠ ଦାତପାଜୁ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ କାର ସହିତ ବିପରୀତ ଦିଗରୁ ଆସୁଥିବା ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡିରେ ନିଆଁ ଲାଗି ଯାଇଥିଲା । ଅଟୋ ଭିତରେ ବସିଥିବା ଜଣେ ଯୁବକ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ମୃତକ ଜଣକ ଫୁଲବାଣୀ ବ୍ଲକ ଦାତପାଜୁ ପଞ୍ଚାୟତ ମିଣିଆକାଠି ଗ୍ରାମର ବରୁଣ ମଲ୍ଲିକ(୨୦) । ସେହିଭଳି ବରୁଣଙ୍କ ଭାଇ ବାବୁଲା ମଲ୍ଲିକ(୨୨) ଓ ଦଡକି ପଞ୍ଚାୟତ ସିଙ୍ଗାପଡାର ଶୈଳେନ୍ଦ୍ର କହଁର(୫୦) ଗୁରୁତର ହୋଇଛନ୍ତି । ଉଭୟେ ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିବା ଏବଂ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । କାରରେ କେତେଜଣ ଥିଲେ ଜଣା ପଡିନାହିଁ । ଅଗ୍ନିଶମ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଇଣ୍ଡିଗୋକୁ ୨୨.୨୦ କୋଟି ଜୋରିମାନା

**ନୂଆଦିଲ୍ଲୀ,୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**




ଶନିବାର ଦିନ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଇଣ୍ଡିଗୋ ଏୟାର ଲାଇନ୍ସ ଉପରେ ୨୨.୨ କୋଟି ଟଙ୍କାର ଜରିମାନା ଲଗାଇଛି । ଗତ ମାସରେ ବହୁ ସଂଖ୍ୟକ ଉଡ଼ାଣ ବାତିଲ କରିବା ଯୋଗୁଁ ଡିଜିସିଏ ବିମାନ କମ୍ପାନୀ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଯାହା ଦେଶବ୍ୟାପୀ ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ କରିଥିଲା । ଏଠାରେ ସୂଚନାଥାଉକି, ଇଣ୍ଡିଗୋ ଗତ ଡିସେମ୍ବର ୨ ରୁ ୧୦ ତାରିଖ ମଧ୍ୟରେ ୫ ହଜାରରୁ ଅଧିକ ଉଡ଼ାଣ ବାତିଲ କରିଥିଲା । ଏହା ସହିତ, ଶହ ଶହ ଇଣ୍ଡିଗୋ ବିମାନ ବହୁତ ବିଳମ୍ବରେ ପରିଚାଳିତ ହୋଇଥିଲା । ଶନିବାର ଜାରି ଏକ ବିବୃତ୍ତିରେ, *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିମାନ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ରାଉରକେଲା,୧୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୧୦ ତାରିଖ ଦିନ ରାଉରକେଲା ନିକଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଆହତ ହୋଇଥିବା ୬ ଜଣଙ୍କ ମଧ୍ୟରୁ ଆଜି ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ନାଁ ସୁଶାନ୍ତ କୁମାର ବିଶ୍ୱାଳ ।

ସୁଶାନ୍ତ ଅସୁସ୍ଥ ଥିଲେ । ଚିକିତ୍ସା ପାଇଁ ସେ ଭୁବନେଶ୍ୱର ଯାଇଥିଲେ । ଟିକେ ସୁସ୍ଥ ହେବା ପରେ ସେ ଗତ ୧୦ ତାରିଖରେ ତାଙ୍କ ଭଉଣୀଙ୍କ ସହିତ ଏହି ବିମାନରେ ରାଉରକେଲା ଫେରୁଥିଲେ । ତେବେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ସେ ଆହତ ହୋଇଥିଲେ ଓ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା । ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ତାଙ୍କ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ସେଥିପାଇଁ ଡାକ୍ତରମାନେ ଆଶା କରିଥିଲେ ଯେ ସେ ସୁସ୍ଥ ହୋଇଯିବେ । ମିଳିଥିବା ଖବର ଅନୁଯାୟୀ, ଆହୁରି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀକୁ ଏୟାରଲିଫ୍ଟ କରିବାକୁ ଯୋଜନା କରାଯାଉଥିଲା । ତେବେ ତା'ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଛି । ସୁଶାନ୍ତ ଯେଉଁ ଘରୋଇ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୦ ଆକାଂକ୍ଷୀ ଜିଲ୍ଲାରେ ନାରୀ ଅଦାଲତ

**ଭୁବନେଶ୍ୱର,୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓଡ଼ିଶାର ୧୦ଟି ଜିଲ୍ଲାରେ ନାରୀ ଅଦାଲତ ଶୁଭାରମ୍ଭ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହିଥିବା ବେଳେ ୧୦ଟି ଜିଲ୍ଲାର ବରିଷ୍ଠ ଅଧିକାରୀ ଆଭାସୀ ମାଧ୍ୟମରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।

ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଅନ୍ତର୍ଗତ ଶିଶୁ କନ୍ୟା ସପ୍ତାହ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଲେନିନଙ୍କୁ ଅରବିନ୍ଦଙ୍କ ଖୋଲା ଚାଲେଞ୍ଜ

# କେଉଁଦିନ କାହା ସହ ବସିଥିଲି ପ୍ରମାଣ ଦେଖାଅ

**ଭୁବନେଶ୍ୱର,୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଦୁର୍ନୀତିଗ୍ରସ୍ତ, ବିଶ୍ୱାସଘାତକ ଓ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଦର୍ଶାଇ ବିଜେଡି ତା'ର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ ନିଲମ୍ବନ କରିଥିବା ବେଳେ ସେମାନେ ବାସ୍ତବରେ କ'ଣ କରିଛନ୍ତି, ତାହା ସମସ୍ତେ ଜାଣିବାକୁ ଚାହୁଁଥିଲେ । ଆଜି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ଏହି ଦୁଇ ଜଣ ଏକ ବଡ ଷଡଯନ୍ତ୍ରର ଅଂଶ ଥିଲେ, ଯାହା ଦଳକୁ ଦୁର୍ବଳ କରିବାକୁ ଉଦ୍ଦିଷ୍ଟ ଥିଲା । ଏନେଇ ସବୁ ତଥ୍ୟ ପ୍ରମାଣ ଥିବା ଲେନିନ ଦୃଢ଼ୋକ୍ତି ପ୍ରକାଶ କରିଥିବା ସତ୍ତ୍ୱେ ଏହାକୁ ବ୍ୟାଖ୍ୟା କରି ନଥିଲେ । ତେଣୁ ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି ଯେ ଭୁଲ ଭୁଲୈୟା କାହାଣୀ ନକହି ସିଧାସଳଖ ଉତ୍ତର ରଖିଲେ ଠିକ୍ ହେବ । ଏହା ସହିତ ବିଜେଡିର କୌଣସି ନେତା ଯେତେବେଳେ ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ଆସୁଛନ୍ତି, ତଥ୍ୟ ପ୍ରମାଣ ନେଇ ଆସନ୍ତୁ ବୋଲି ଅରବିନ୍ଦ କହିଛନ୍ତି ।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଦୁର୍ନୀତିଗ୍ରସ୍ତ ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଲାଭ କରୁଥିବା ଗ୍ରୀଡ଼କୋର ୟୁନିଟ ୫୮ ପଇସା ବୃଦ୍ଧି ପାଇଁ ଯୁକ୍ତି

**ଭୁବନେଶ୍ୱର,୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଉଦ୍ୟୋଗଗୁଡିକର ଗଠନ ପଛରେ ମୂଳଲକ୍ଷ୍ୟ ଥିଲା ସାର୍ବଜନୀନ ମଙ୍ଗଳ ଓ ଦ୍ୱିତୀୟ ଲକ୍ଷ୍ୟ ଥିଲା ଲାଭରେ ଉଦ୍ୟୋଗଗୁଡିକୁ ପରିଚାଳନା କରିବା । ଅର୍ଥାତ ସରକାରୀ ଉଦ୍ୟୋଗଗୁଡିକ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ବ୍ୟବସାୟୀକ ନୀତିରେ ପରିଚାଳିତ ହେବ । କିନ୍ତୁ ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ଷମ ଥିବା ୬ଟି ପ୍ରମୁଖ ଉଦ୍ୟୋଗ ଯଥା ଗ୍ରୀଡ୍‌କୋ, ଓପିଟିସିଏଲ (ଓଡିଶା ବିଦ୍ୟୁତଶକ୍ତି ସଂଚାରଣ ନିଗମ ଲିଃ), ଓଏଚପିସି (ଓଡିଶା ଜଳବିଦ୍ୟୁତ ନିଗମ ଲିଃ), ଓପିଜିସି (ଓଡିଶା ବିଦ୍ୟୁତଶକ୍ତି ଉତ୍ପାଦନ ନିଗମ), ଓସିପିଏଲ (ଓଡିଶା କୋଇଲା ଓ ଶକ୍ତି ନିଗମ ଲିଃ) ଏବଂ ସବୁଜଶକ୍ତି ବିକାଶ ନିଗମ ଲିଃ (ଜିଇଡିସିଓଏଲ) ମୂଳଲକ୍ଷ୍ୟକୁ ଭୁଲିଯାଇ ଦ୍ୱିତୀୟ ଲକ୍ଷ୍ୟ ହାସଲ ପାଇଁ ଲାଗି ପଡିଛନ୍ତି । ଆସନ୍ତା ବର୍ଷ ୨୦୨୬-୨୭ ବର୍ଷର ବିଦ୍ୟୁତମୂଲ୍ୟ (ଟାରିଫ) ଧାର୍ଯ୍ୟପାଇଁ ଓଇଆରସିରେ




ଦାଖଲ କରିଥିବା ଦରଖାସ୍ତଗୁଡିକରେ ଗ୍ରୀଡ୍‌କୋ, ଓପିଟିସିଏଲ, ଓପିଜିସି ଓ ଓଏଚପିସି ଗୋଟିଏ ପଟେ ଲାଭ ଦର୍ଶାଇଥିବା ବେଳେ ଅନ୍ୟପଟେ ବିଦ୍ୟୁତମୂଲ୍ୟ ବୃଦ୍ଧିପାଇଁ ଯୁକ୍ତି ରଖିଛନ୍ତି ।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଏହାକୁ ପ୍ରବଳ ବିରୋଧ କରି ଓଇଆରସିରେ ୧୮ଟି ସତ୍ୟପାଠ ୧୬.୦୧.୨୦୨୬ରେ ଦାଖଲ କରିଛନ୍ତି । ଗ୍ରୀଡ୍‌କୋ ପୂର୍ବବର୍ଷରେ (୨୦୨୪-୨୫) ୩୪୭ କୋଟି ଟଙ୍କା ଲାଭ କରିଥିବା ବେଳେ ପାଇକାରୀ ବିକ୍ରି ମୂଲ୍ୟକୁ ୟୁନିଟ ପିଛା ୫୮ ପଇସା ବୃଦ୍ଧିପାଇଁ ଯୁକ୍ତି କରିଛନ୍ତି । ସେହିପରି ଓପିଟିସିଏଲ ୨୩୮ କୋଟି ଟଙ୍କା ଲାଭକରିଥିବା ବେଳେ ବିଦ୍ୟୁତ ସଂଚାରଣ ଖର୍ଚ୍ଚ ୟୁନିଟ ପିଛା ୧୦ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛି । ଓପିଜିସି ୫୩୪ କୋଟି ଟଙ୍କା ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଶକ୍ତି କେନ୍ଦ୍ର ପାଇଁ (୧୩୨୦ ମେଗାୱାଟ) ଉତ୍ପାଦନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଗତବର୍ଷ ଦରଖାସ୍ତ ଦାଖଲ କରିଥିଲେ ବି ଏପର୍ଯ୍ୟନ୍ତ ଆୟୋଗ ଫଇସଲା କରିନାହାନ୍ତି ।

ତେବେ କ୍ରୟଚୁକ୍ତି ଆଳରେ ଓଇଆରସି ଅଧିନିୟମକୁ ଫାଙ୍କିଦେଇ ଓପିଜିସି ଉତ୍ପାଦନ ମୂଲ୍ୟକୁ ବର୍ଷକୁ ବର୍ଷ ବୃଦ୍ଧିକରି ସମୁଦାୟ ଲାଭ ୨୩୪୮ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ଓଏଚପିସି ଗତବର୍ଷ ୩୫୮ କୋଟିଟଙ୍କା ଲାଭ କରିଥିବା ବେଳେ ପୁଣି ଉତ୍ପାଦନ ମୂଲ୍ୟକୁ ୟୁନିଟ ପିଛା ୧୫ ପଇସା ବୃଦ୍ଧି ପାଇଁ ଯୁକ୍ତି ଦର୍ଶାଇଛି । ଓଏଚପିସିର ସମୁଦାୟ ଲାଭାଂଶ ୨୦୨୫ ପର୍ଯ୍ୟନ୍ତ ୨୩୨୦ କୋଟି ଟଙ୍କାରେ ପହଞ୍ଚିଛି ।

ଶ୍ରୀ ମହାପାତ୍ର ଓଡିଶା ବିଦ୍ୟୁତ ସଂସ୍କାର ନିୟମ, ୧୯୯୫କୁ ଦର୍ଶାଇ କହିଛନ୍ତି ଯେ ସର୍ବଭାରତୀୟ ସ୍ତରରେ ଓଡିଶା ପ୍ରଥମେ ବିଦ୍ୟୁତ ସଂସ୍କାର କାର୍ଯ୍ୟ ଆରମ୍ଭ କରି ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମାନର ବିଦ୍ୟୁତସେବା ସୁଲଭ ମୂଲ୍ୟରେ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଥିଲା । କିନ୍ତୁ ବିଦ୍ୟୁତ ବିଭାଗରେ କାର୍ଯ୍ୟକ୍ଷମ ଥିବା ସରକାରୀ ଉଦ୍ୟୋଗଗୁଡିକ ଉକ୍ତ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ପାସୋରି ଯାଇ ଲାଭଖୋର ମନୋବୃତିରେ ପରିଚାଳିତ ହୋଇ ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛନ୍ତି । ଓଡିଶା ବିଦ୍ୟୁତ ଉପଭୋକ୍ତା ସର୍ବଭାରତୀୟ ହାରଠାରୁ ଅଧିକ ବିଦ୍ୟୁତ ବିଲ ପରିଶୋଧ କରିବା ସରକାରୀ ଉଦ୍ୟୋଗଗୁଡିକର ବିଫଳତାକୁ ସ୍ପଷ୍ଟ ଇଙ୍ଗିତ କରୁଛି । ଓଡିଶାରେ ବିଦ୍ୟୁତ ବିଲ ପରିଶୋଧ ହାର ଜାତୀୟସ୍ତରଠାରୁ *(ଶେଷ ପୃଷ୍ଠା ଦେଖନ୍ତୁ)*



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ଜାନୁଆରୀ ୨୦୨୬ । ରବିବାର




## ବନ୍ୟା ଛାଡିବାର ୫ମାସ ବିତିଲା, କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିଲାନି କ୍ଷତିପୂରଣ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥିବା ଛୋଟବଡ ୪/୫ଟି ବନ୍ୟାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ତଳିଆ ଅଞ୍ଚଳ ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଞ୍ଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା । ଏପରି ଖବର ପାଇବା ପେର ଉଭୟ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭୋବ କ୍ଷେତ୍ରୀୟ ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ଭେଟିଥିଲେ । ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବଶୀଘ୍ର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାହାସହ ଚାନ୍ଦବାଲି ତହସିଲଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ମାସ ୨୫ତାରିଖେର ଚିଠି ସଂଖ୍ୟା ୧ର ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମୋନ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନେଭମ୍ବର ୧୫ତାରିଖ ମଧ୍ୟରେ ଆରଡି ରାଜସ୍ୱ ଅଧିକାରୀଙ୍କ ପାଖେର ଦାଖଲ କରିବା ପାଇଁ ନଟକା ଜାରି ହୋଇଥିଲା । ଏପରିକି କ୍ଷତିଗ୍ରସ୍ତ ଚାଷୀମୋନ ନିର୍ଦ୍ଧାରିତ ସମୟର ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ ଦେଇଥିଲେ ମଧ ସହାୟତା ମିଳିପାରୁ ନାହଁ ବୋଲି ଚାଷୀମୋନ କହିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚପ୍ରଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମୋନ ଦାବି କରିଛନ୍ତି ।

## ୨.୫ ଡିଗ୍ରୀ ତାପମାତ୍ରାରେ ଘୁ.ଉଦୟଗିରି



**ଘୁ.ଉଦୟଗିରି: ଏକ୍ସପ୍ରେସ ନ୍ୟୁଜ୍**

ଅତ୍ୟଧିକ ଶୀତ ପ୍ରବଣ ଅଞ୍ଚଳ ଭାବେ ଘୁ.ଉଦୟଗିରିରେ ଶୀତ ଲୁଚ୍‌କାଳି ଖେଳୁଥିବା ବେଳେ ହଠାତ୍ ? ଶୁକ୍ରବାର ଠାରୁ ଥଣ୍ଡା ବଢିଛି । ପାରଦ ପୁଣି ତଳମୁହାଁ ହୋଇ କିଛିଦିନ ହେଲା ଅଞ୍ଚଳରେ ଅସହ୍ୟ ଜାଡ ଅନୁଭୂତ ହେଉଛି । ରବିବାର ତାପମାତ୍ରା ୯.୫ଡିଗ୍ରୀ ଥିବାବେଳେ ପାରଦ ତଳ ମୁହାଁ ହୋଇ ସୋମବାର ୪.୮ଡିଗ୍ରୀ, ମଙ୍ଗଳବାର ୪.୬ଡିଗ୍ରୀ, ବୁଧବାର ୩.୭ ଡିଗ୍ରୀ, ଗୁରୁବାର ୫.୨ଡିଗ୍ରୀ, ଶୁକ୍ରବାର ୨.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଶନିବାର ସକାଳ ସୁଧା ସର୍ବନିମ୍ନ ତାପମାତ୍ରା ୨.୫ ଡ଼ିଗ୍ରୀ ହୋଇଥିବା ସ୍ଥାନୀୟ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଘୁ.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ରହିଥିବା ବେଳେ ହାଡ଼ ଭଙ୍ଗ ଥଣ୍ଡାରେ ସହର ସମେତ ଆଖପାଖ ଅଞ୍ଚଳରେ ଅସ୍ତବ୍ୟସ୍ତ କଲାଣି ଶୀତ । ଲୋକେ ନିଆଁକୁ ଆଶ୍ରା କରି ରହୁଥିବା ଦେଖିବାକୁ ମିଳିଛି । କୋହଲିଆ ପବନ ସାଙ୍ଗକୁ ପ୍ରବଳ ଶୀତ ଯୋଗୁଁ ଅଞ୍ଚଳବାସୀଙ୍କ ଅବସ୍ଥା ଶୋଚ଼ନୀୟ ହୋଇପଡିଛି । ଘୁ.ଉଦୟଗିରିରେ ଅତ୍ୟଧିକ ଥଣ୍ଡା ହେଉଥିବା ଯୋଗୁଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକଙ୍କ ଭିଡ଼ ଜମିବା ଦେଖିବାକୁ ମିଳୁଛି । କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରରେ ସବୁଠୁ ଅଧିକ ଜାଡ ସହ ଶୀତ ହେଉଛି । ପ୍ରଶାସନ ଅଞ୍ଚଳରେ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି ।

## ଦୁଇ ଗୋଷ୍ଠୀ ଭିତରେ ଗଣ୍ଡଗୋଳ

### ଜଣେ ଗୁରୁତର

**ଦାରିଙ୍ଗବାଡ଼ି: ଏକ୍ସପ୍ରେସ ନ୍ୟୁଜ୍**

ଭୋଜି କରିବାକୁ ଆସି ଦୁଇ ଗୋଷ୍ଠୀ ଭିତରେ ଗଣ୍ଡଗୋଳ, ଜଣେ ଗୁରୁତର । ଭୋଜି କରିବା ପାଇଁ ଆସି ଦାରିଙ୍ଗବାଡ଼ି ଡୁଲୁରୀ ପାଇନ ବଣରେ ଦୁଇ ଗୋଷ୍ଠୀ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିବା ଦେଖିବାକୁ ମିଳିଛି । ଏହି ଘଟଣାରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି ।

ଭୁବନେଶ୍ୱର ଓ କଟକରୁ ଉଭୟ ଦୁଇ ଗୋଷ୍ଠୀ ଦାରିଙ୍ଗବାଡ଼ି ସ୍ଥିତ ଡୁଲୁରୀ ପାଇନ ବଣକୁ ଭୋଜି କରିବାକୁ ଆସି ଥିଲେ । କୌଣସି କାରଣରୁ ଦୁଇ ଗୋଷ୍ଠି ଭିତରେ ହାତାହାତି ହୋଇଥିବା ଦେଖିବାକୁ ମିଳିଛି । ଖବର ପାଇଁ ଦାରିଙ୍ଗବାଡି ପୋଲିସ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବା ଜଣା ପଡ଼ିଛି ।

## ସକାଳ ୬ରୁ ଚିଲିକାରେ ପକ୍ଷୀ ଗଣନା



**ବାଲୁଗାଁ: ଏକ୍ସପ୍ରେସ ନ୍ୟୁଜ୍**

ରବିବାର ଚିଲିକାରେ ପକ୍ଷୀ ଗଣନା । ପ୍ରଶିକ୍ଷଣ ନେଉଛନ୍ତି ନିୟୋଜିତ କର୍ମଚାରୀ । ଶନିବାର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବଡକୁଳ ସ୍ଥିତ ସିଡିଏ କାର୍ଯ୍ୟାଳୟ ଠାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ଥିବା କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଯୋଗଜୟାନନ୍ଦ ଆରସିସିଏଫ ଭୁବନେଶ୍ୱର ଯୋଗଦେଇ ଉଦଘାଟନ କରିଥିଲେ ।

ବମ୍ବେ ନାଚୁରଲ ହିଷ୍ଟି ଅଫ ସୋସାଇଟିର ଡକ୍ଟର ସତ୍ୟା ସେଲବମ ପ୍ରଶିକ୍ଷଣ ଦେଉଥିବା ବେଳେ, ପକ୍ଷୀ ଏକ୍ସପଟ, ବିଶେଷଜ୍ଞ, ଓୟୁଏଟି ଛାତ୍ରଛାତ୍ରୀ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ କର୍ମଚାରୀ ସରକାରୀ ଓ ବେସରକାରୀ କର୍ମଚାରୀ ସମେତ ସିଡିଏ କର୍ମଚାରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । କିପରି ଭାବରେ ପକ୍ଷୀ ଗଣନା କରାଯିବା ତାହାରି ଉପରେ ପ୍ରଶିକ୍ଷଣ ଦିଆଯାଇଛି ।

୫ଟି ରେଞ୍ଜରେ ମୋଟ ୨୨ଟି ଟିମ ଗଠନ କରାଯାଇଛି । ପ୍ରତି ଟିମରେ ୪ରୁ ୫ ଜଣ ଏହି ପକ୍ଷୀ ଗଣନାରେ ନିୟୋଜିତ ରହିବେ । ସକାଳ ୬ ଟାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ଚିଲିକା ଡିଏଫଓ ଅମ୍ଳାନ ନାୟକଙ୍କ ଅଧକ୍ଷତାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା ।

## ଉଦ୍‌ଘାଟନକୁ ୩ ମାସ ପୁରିଲା, ଇଟା ଖଣ୍ଡିଏ ପଡିଲାନି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



ମୁଖ୍ୟମନ୍ତ୍ରୀ ମୋହନ ଚରଣଙ୍କ କରକମଳରେ ୪୭୧ଟି ନୂଆ ପଞ୍ଚାୟତ ଭବନର ଶୁଭ ଶିଳାନ୍ୟାସ ଦିଆଯାଇଥିବା ବେଳେ ବିଧାୟକ ଛବି ମଲ୍ଲିକ୍‌ଙ୍କ କରକମଳରେ ବ୍ରାହ୍ମଣବାଟି କଣ୍ଟାପଡା ବ୍ଲକ୍‌ର ଏକମାତ୍ର ପଞ୍ଚାୟତ ଭାବରେ ପଞ୍ଚାୟତ ଭବନର ଶୁଭ ଭୂମି ପୂଜନ ହୋଇଥିଲା ଏହା ଓଡିଶା ସରକାରଙ୍କ ଫ୍ଲାଗସିପ କାର୍ଯ୍ୟକ୍ରମ ହୋଇଥିବାବେଳେ ଇଂ ଛବି ମଲ୍ଲିକ ଦ୍ୱାରା ଏହାର ଶୁଭ ଭୂମି ପୂଜନ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳେଇ ଦେଇଥିଲା । ସୂଚ଼ନାଯୋଗ୍ୟ ଯେ ବ୍ରାହ୍ମଣବାଟି ଗ୍ରାମ ପଞ୍ଚାୟତ ଇଂ ମଲ୍ଲିକ୍‌କୁ ୬୦୦ରୁ ଉର୍ଦ୍ଧ୍ୱ ଭୋଟରେ ଲିଡ଼ ଦେଇ ବିଜୟର ପ୍ରମୁଖ କର୍ଣ୍ଣଧାର ସାଜିଥଲେ ମାତ୍ର ପଞ୍ଚାୟତ ଭବନ ନିର୍ମାଣରେ ମାତ୍ରାଧିକ ବିଳମ୍ବ ନିରାଶାର ବାତାବରଣ ସୃଷ୍ଟି କରିଛି । ସ୍ୱୟଂ ବିଧାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କାହା ଚାପରେ ପ୍ରଶାସନ ଏହି କାମ କରୁନାହିଁ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗକୁ ପଞ୍ଚାୟତ ଇଲେକ୍ସନ ଆସୁଥିବା ବେଳେ ସରକାରଙ୍କ ଫ୍ଲାଗ ସିପ କାର୍ଯ୍ୟକ୍ରମ ନହୋଇପାରିବା ସରକାରୀ କଳ ଓ ବିଧାୟକଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ପଞ୍ଚାୟତ ଇଲେକ୍ସନ ପାଇଁ ବିପଦ ସୃଷ୍ଟି କରିପାରେ । ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ବେଳେ ପ୍ରଶାସନ ଏହାକୁ ଅଣଦେଖା କରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ପ୍ରଥମ ଥର ପାଇଁ କଣ୍ଟାପଡା ବ୍ଲକ ପ୍ରଶାସନ ବିଧାୟକଙ୍କ ଆଦେଶକୁ କାର୍ଯ୍ୟକାରୀ ନକରିବାର ଦୃଷ୍ଟତା କରୁଛି ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଛି । ବିଧାୟକଙ୍କ ସାଙ୍ଗରେ ତାଙ୍କର ଚେୟାରମ୍ୟାନ ଭାଇସ ଚେୟାରମ୍ୟାନ ଅନେକ ସରପଞ୍ଚ ଓ ସମିତି ସଦସ୍ୟ ନଥିବା ଗତ ପଞ୍ଚାୟତ ସମିତି ବୈଠକରେ ପ୍ରମାଣିତ ହୋଇଥିବା ବେଳେ କଣ୍ଟାପଡା ବ୍ଲକ ପ୍ରଶାସନ ସରକାରୀ ଫ୍ଲାଗସିପ କାର୍ଯ୍ୟକ୍ରମକୁ ଅଣଦେଖା କରିବା ବିଧାୟକ ସାଂଗଠନିକ ଦକ୍ଷତା ଓ ପାରିବା ପଣିଆ ଉପରେ ବିରାଟ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରଭାବ ପଡିବ ବୋଲି ଚର୍ଚ୍ଚା ଜୋର ଧରିଛି ।

## ଫାମ୍ପୁଣି ଓ ଉମୁରିରେ ଅବକାରୀ ଚଢଉ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ଅବକାରି ନିରିକ୍ଷକ ଓ ଅବକାରି ଥାନା ତରଫରୁ ଫାମ୍ପୁଣି ଓ ଉମୁରିରେ ମିଳିତ ଚ଼ଢଉ କରାଯାଇଛି । ଦେଶି ମଦ ଚ଼ାଲାଣ ବେଳେ ଫାମ୍ପୁଣିରେ ଚ଼ଢଉ କରି ୩ ଅଭିଯୁକ୍ତକୁ ଗିରଫ କରି ୨୯ ଲିଟର ଦେଶି ମଦ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଫାମ୍ପୁଣିର ଧନପତି ଗୌଡ, ଗୋପାଳ ଗୌଡ ସହ ଜଣେ ମହିଳା । ଗିରଫ ଅଭିଯୁକ୍ତକୁ ସନ୍ଧ୍ୟା ୫ଟାରେ କୋର୍ଟଚ଼ାଲାଣ କରାଯାଇଛି । ଦେଶୀ ମଦ ପ୍ରସ୍ତୁତ ସହ ଲୁଚ଼ାଇ ରଖିଥିବା ସୂଚ଼ନା ପାଇ ଉମୁରି ଜଙ୍ଗଲରେ ଚ଼ଢାଉ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାଯ୍ୟାଳୟ ତରଫରୁ ଚ଼ଢଉ କରାଯାଇଛି । ଚ଼ଢଉ ସୂଚ଼ନା ପାଇ ମଦ ମାଫିଆମାନେ ଚ଼ମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨୪ ଶହ ଲିଟର ପୋଚ଼ ଓ ୨୨୦ ଲିଟର ଦେଶୀ ମଦ ଜବତ କରିଛି । ଚ଼ଢାଉରେ ଅବକାରୀ ନିରିକ୍ଷକ ଅଜୟ ନାୟକ ଓ ଓଆଇସି ସୁବ୍ରତ କେଶରି ହିରନ ଉପସ୍ଥିତ ଥିଲେ ।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ରେମେଡ ଛକରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ବୃନ୍ଦାବନ ବିହାର ଅଞ୍ଚଳର ରାଜକିଶୋର ଦାସ(୭୫) ବୋଲି ଜଣାପଡ଼ିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ଜବତ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚ଼ନାଯୋଗ୍ୟ, ରାଜକିଶୋର ନିଜ ସ୍କୁଟି ଗାଡ଼ି ନମ୍ବର (ଓଆର ୦୭ଡ଼ାଇ - ୪୨୨୦) ଯୋଗେ ବୁର୍ଲାରୁ ଫେରୁଥିବା ବେଳେ ଟ୍ରକ୍ ଗାଡ଼ି (ସିଜି ୦୭ସିପି - ୭୨୭୭) ସହ ଧକ୍କା ହୋଇଥିଲେ । ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।

## କିଟ୍‌ରେ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠୋତ୍ସବ



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱମୁକ୍ତି, କିଟ୍ ଓ କିସର ମିଳିତ ଅନୁକୂଲ୍ୟରେ କିଟ୍‌ରେ ନବମ ତ୍ରି ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ବିଷୟବସ୍ତୁ ରହିଛି ବିଶ୍ୱ ଶାନ୍ତି ଏବଂ ସଦଭାବନା ୨୦୨୫-୨୬: ସ୍ଥାୟୀ ସହାବସ୍ଥାନ ଏବଂ ପଥ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଷୟବସ୍ତୁ ଉପରେ କହିଲେ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହେଉଥିବା ବେଳେ ଶାନ୍ତି ଅପରିହାର୍ଯ୍ୟ ହୋଇପଡ଼ିଛି । ଶାନ୍ତି ବଜାୟ ରଖିବା ଦିଗରେ ସବୁ ନାଗରିକ ସଚେତନ ହେବା ସହ ଏ ଦିଗରେ ସମସ୍ତଙ୍କର ଯୋଗଦାନ ରହିବା ଉଚିତ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନର୍ଥ ଇଷ୍ଟ ପାୱାର କର୍ପୋରେସନ୍ (ନିପକୋ) ଅର୍ଥ ନିର୍ଦ୍ଦେଶକ ବୈଦ୍ୟନାଥ ମହାରଣା କହିଲେ, ଓଡ଼ିଶାଠାରୁ ପ୍ରିୟ ଭୂମି ଅନ୍ୟ କେଉଁଠି ନାହିଁ । ନିପକୋ ମଧ୍ୟ ହିନ୍ଦୀ ଭାଷା ପାଇଁ ଅନେକ କାମ କରୁଛି । ଶାନ୍ତି ଓ ସଦ୍‌ଭାବନା ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ । ଦୁଇ ଦୁଇଟି ବିଶ୍ୱଯୁଦ୍ଧ ହୋଇଥିଲେ ମଧ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିନାହିଁ । ଭାରତରେ ଭିନ୍ନ ଭାଷା ଓ ପରମ୍ପରା ରହିଥିଲେ ମଧ୍ୟ ଏଠାରେ ଏଭଳି କିଛି ଶକ୍ତି ଅଛି ଯାହା ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିଛି । ପରସ୍ପର ମଧ୍ୟରେ ଭରସା ଓ ବିଶ୍ୱାସ ରହିଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ଏମ୍‌ଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଯୋଗଦେଇ କହିଲେ, ସ୍ଥାୟୀ ବିକାଶ ଦିଗରେ କିଟ୍ ଓ କିସ୍‌ର ପ୍ରୟାସ ବେଶ ପ୍ରଶଂସନୀୟ । ଆମମାନଙ୍କ ଭାବନା ସର୍ବଦା ସକରାତ୍ମକ ହେବା ଉଚିତ । ସକରାତ୍ମକ ଭାବନା ପାଇଁ ଭାରତ ଇତିହାସ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱମୁକ୍ତି ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣୀ ସ୍ୱାଗତ ଭାଷଣ ପ୍ରଦାନ କରି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷତା କରି ପୂର୍ବତନ ସାଂସଦ ତଥା କବି ପ୍ରସନ୍ନ ପାଟ୍ଟଶାଣୀ ହିନ୍ଦୀ ଭାଷାର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ ସବୁସ୍ତରରେ ହିନ୍ଦୀ ଭାଷାକୁ ଗୁରୁତ୍ୱ ଦିଆଯିବା ଉଚିତ ।

## ବାଣିଜ୍ୟ

## ଫେବୃଆରୀ ୧ରେ ଖୋଲା ରହିବ ସେୟାର ବଜାର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**





ପ୍ରତିବର୍ଷ ପରି ଏଥର ବି ଫେବୃଆରୀ ୧ ତାରିଖରେ ସାଧାରଣ ବଜେଟ ଆଗତ ହେବ । ଯଦିଓ ଏ ବର୍ଷ ଫେବୃଆରୀ ୧ ରବିବାର ପଡୁଛି, ଏହାସତ୍ତ୍ୱେ ସେୟାର ବଜାର ସାଧାରଣ ଦିନ ପରି ଖୋଲିବ । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାସ୍ନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଶୁକ୍ରବାର ଏକ ସର୍କୁଲାର ଜାରି କରି ଏ ସୂଚନା ଦେଇଛନ୍ତି ।

ଏକ୍ସଚେଞ୍ଜ ଅନୁସାରେ, ବଜେଟ୍ ଦିନ ନିବେଶକ ଏବଂ ଟ୍ରେଡର ବଜାରର ପ୍ରତିକ୍ରିୟା ଦେଖିବେ, ସେଥିପାଇଁ ରବିବାର ସ୍ୱତନ୍ତ୍ର ଟ୍ରେଡିଂ ସେସନ୍ ରଖିବାର ନିଷ୍ପତ୍ତି ନିଆଯାଇଛି । ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ ପକ୍ଷରୁ ଜାରି ହୋଇଥିବା ସର୍କ୍ୟୁଲାର ଅନୁସାରେ, ଫେବୃଆରୀ ୧ ରବିବାର ବଜାରର ସମୟସୂଚୀ ସାଧାରଣ ଦିନଗୁଡ଼ିକ ଭଳି ରହିବ । ସକାଳ ୯ଟାରୁ ୯ଟା ୮ ପର୍ଯ୍ୟନ୍ତ ପ୍ରୀ-ଓପନ୍ ସେସନ୍ ହେବ । ଏହାପରେ ସକାଳ ୯.୧୫ରୁ ସାଧାରଣ ଟ୍ରେଡିଂ ଆରମ୍ଭ ହେବ, ଯାହା ଅପରାହ୍ନ ୩.୩୦ଯାଏ ଚାଲିବ । ଇକ୍ୱିଟି ସହ ଡେରିଭେଟିଭ୍ସ (ଏଫ୍ ଆଣ୍ଡ୍ ଓ) ସେଗମେଣ୍ଟରେ ବି ସମାନ ସମୟରେ କାରବାର ହେବ ।

## ସାପ୍ତାହିକ ବଜାର ଚାଲିଥିବା ବେଳେ ମାଡିଗଲା ଗାଡ଼ି: ମହିଳା ମୃତ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡରମା ସାପ୍ତାହିକ ବଜାର ଚାଲିଥିବା ବେଳେ ପ୍ରାୟ ଅପରାହ୍ନ ସାଢ଼େ ୧ଟା ସମୟ ପାଖାପାଖି ଏକ ଟାଟାଏସି ( ଓଡି ୧୫ ଜେ ୯୨୬୫) ଗାଡ଼ିକୁ ଏକ କଣ୍ଟେନର (ଡବ୍ଲୁବି ୧୯ ଏଲ୍ ୦୬୯୯) ପଛ ପଟୁ ଧକ୍କା ଦେବା ଫଳରେ ଟାଟା ଏସି ଗାଡ଼ି ଯାଇ ବଜାର ଭିତରେ ବସିଥିବା ୩ ଜଣ ମହିଳାଙ୍କୁ ଧକ୍କା ଦେଇଥିଲା । ଫଳରେ ସେଠାରେ ବସିଥିବା ବିଶାଳପାଲି ଗାଁର ତିଲୋତ୍ତମା ସିଂ (୫୦), କଳାବତୀ ସିଂ (୪୫) ଓ ପିଙ୍କୁ ସିଂ (୩୬) ଗୁରୁତର ଆହତ ହୋଇଥିଲେ । ପୋଲିସ ପହଞ୍ଚି ଆହତମାନଙ୍କୁ ବୁର୍ଲା ବଡ ଡାକ୍ତରଖାନାକୁ ପଠେଇଥିବା ବେଳେ ସେଠାରେ ଡାକ୍ତର ତିଲୋତ୍ତମାକୁ ମୃତ ଘୋଷଣା କରିଥିଲେ । ଏନେଇ ଜମନକିରା ଥାନା କେସ ନ. ୧୧/୨୬ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି । ଟ୍ରକ ଓ ଟାଟା ଏସି ଗାଡ଼ିକୁ ଜବତ କରାଯିବା ସହ କଣ୍ଟେନର ଗାଡ଼ି ଚ଼ାଳକକୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଥାନା ଆଇଆଇସି ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି ।

ପୋଲିସ ର ସୂଚ଼ନା ଅନୁଯାଇ, ଅପରାହ୍ନ ସାଢେ ୧ଟା ସମୟ ପାଖାପାଖି ଦେବଗଡ଼ ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ବଡରମା ସାପ୍ତାହିକ ବଜାର ନିକଟ ରାଜରାସ୍ତା ୫୩ରେ ଏକ କଣ୍ଟେନର ଟ୍ରକ୍ ସାମ୍ନାରେ ଯାଉଥିବା ଟାଟାଏସିକୁ ପଛରୁ ଧକ୍କା ଦେଇଥିଲା । ଫଳରେ ଟାଟାଏସି ଗାଡ଼ିଟି ବଜାର ଭିତରକୁ ପଶି ଯାଇଥିଲା । ସେଠାରେ ବଜାର କରି ଘରକୁ ଯିବା ପାଇଁ ଅପେକ୍ଷା କରିଥିବା ୩ ଜଣ ମହିଳାଙ୍କ ଉପରେ ଚ଼ଢ଼ି ଯାଇଥିଲା । ଫଳରେ ୩ ଜଣ ମହିଳା ଗୁରୁତର ଆହତ ହୋଇଥିଲେ । ପୋଲିସ ପହଞ୍ଚି ମହିଳାମାନଙ୍କୁ ଉଦ୍ଧାର କରିବା ସହ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲା । ତେବେ ଡାକ୍ତରଖାନାରେ ଡାକ୍ତର ତିଲୋତ୍ତମାକୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

## ପିଏମଶ୍ରୀ ବିଦ୍ୟାଳୟରେ ଖାଲି ପଡିଛି ଶିକ୍ଷକ ପଦବୀ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**




କାମାକ୍ଷାନଗର ବ୍ଲକ ପିଏମଶ୍ରୀ ପଞ୍ଚସଖା ଉଚ୍ଚ ବିଦ୍ୟାଳୟ ତୁମୁସିଙ୍ଗା-ଶ୍ରୀମୂଳାରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଶିଶୁ ବାଟିକାରୁ ନେଇ ଦଶମ ପର୍ଯ୍ୟନ୍ତ ୧୧ଟି ଶ୍ରେଣୀ ରହିଛି । ଦୁଇ ବର୍ଷରୁ ଅଧିକ ଦିନ ହେବ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି । ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛଅଟି ଶ୍ରେଣୀରେ ୫ଜଣ ଶିକ୍ଷକ, ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଜଣେ ଶିକ୍ଷକ ଓ ନବମ ଦଶମ ପାଇଁ ବିଜ୍ଞାନ ଶିକ୍ଷକ ଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିବା ଯୋଗୁଁ ଶିକ୍ଷାଦାନରେ କଷ୍ଟ ହେଉଛି । ଏହା ବ୍ୟତୀତ କିରାଣୀ ପଦବୀ ଖାଲି ଥିବାରୁ ଚପରାସୀ କିରାଣିଙ୍କ କାମ ତୁଲାଉଛନ୍ତି । ରାତ୍ର ଜଗୁଆଳି ଓ ସଫେଇ କର୍ମଚାରୀ ଠିକାରେ ଥିବା ବେଳେ ସେମାନେ ଗତ ୧୮ ମାସ ହେଲା ଦରମା ପାଇ ନାହାନ୍ତି । ଦରମା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଅନେକ ଥର ଅନୁରୋଧ କରିଛନ୍ତି । ତୁରନ୍ତ ଦରମା ଦେବାପାଇଁ ଗ୍ରାମବାସୀ ଏବଂ ଅଭିଭାବକମାନେ ଦାବି କରିଛନ୍ତି । ଯଦି ବିଧାୟକ, ସାଂସଦ ଓ ଅଧିକାରୀମାନଙ୍କୁ ଏହିପରି ବର୍ଷେ ଦୁଇ ବର୍ଷରେ ଥରେ ଦରମା ଦେଲେ କିଛି ଫରକ ପଡ଼ିବ ନାହିଁ । କରଣ ସେମାନେ ଲାଞ୍ଚ ଆଉ ପିସିରେ ଚାଲୁଛନ୍ତି । ପିଏମଶ୍ରୀ ବିଦ୍ୟାଳୟରେ ଯେଉଁ ସବୁ ସୁବିଧା ରହିବା କଥା ଆଜି ପର୍ଯ୍ୟନ୍ତ ତାହା ହୋଇ ପାରି ନାହିଁ । ସରକାର ବାହାବା ନେବାକୁ କେବଳ ପିଏମଶ୍ରୀ ନାମକୁ ଯୋଡ଼ିଛନ୍ତି ହେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାକାର ଭିତରକୁ ଠେଲି ଦେଉଛନ୍ତି ।



## ସିନେମାଫିନେମା ଟିଭିଫିବି

## ଭାଲେଣ୍ଟାଇନ୍ ଡେ'ରେ ବିବାହ କରିବେ ଧନୁଷ-ମୃଣାଳ ଠାକୁର !

**ସା**ଉଥ୍ ସୁପରଷ୍ଟାର ଧନୁଷ ଏବଂ ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଦୀର୍ଘ ଦିନରୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଗୁଜବ ଶୁଣାଯାଉଥିବା ବେଳେ, ଏବେ ସେମାନେ ବିବାହ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି । ରିପୋର୍ଟ ଅନୁଯାୟୀ, ଆସନ୍ତା ଫେବୃଆରୀ ୧୪ ଅର୍ଥାତ 'ଭାଲେଣ୍ଟାଇନ୍ସ ଡେ' ଅବସରରେ ଏହି ଯୋଡ଼ି ଏକ ଗୋପନୀୟ ସମାରୋହରେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି ।

ଅନେକ ସମୟରେ ଧନୁଷ ଓ ମୃଣାଳଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଛି । ନିକଟରେ ଅଜୟ ଦେବଗନଙ୍କ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର- ୨'ର ସ୍କ୍ରିନିଂରେ ଧନୁଷଙ୍କ ଉପସ୍ଥିତି ଏହି ଗୁଜବକୁ ଆହୁରି ବଢ଼ାଇ ଦେଇଥିଲା । ମୃଣାଳ ସୋସିଆଲ ମିଡିଆରେ ଧନୁଷଙ୍କ ଭଉଣୀମାନଙ୍କୁ ଫଲୋ କରିବା ପରେ, ପ୍ରଶଂସକମାନେ ଏହାକୁ ସେମାନଙ୍କ ସମ୍ପର୍କର ସବୁଠାରୁ ବଡ଼ ସଙ୍କେତ ବୋଲି ମନେ କରୁଛନ୍ତି ।

ହାଯାଉଛି ଯେ, ମୃଣାଳଙ୍କ ଦକ୍ଷିଣ ଭାରତୀୟ ସିନେମା ପ୍ରତି ଆଗ୍ରହ ଏବଂ କାର୍ଯ୍ୟ ତାଙ୍କୁ ଧନୁଷଙ୍କ ନିକଟତର କରିଛି । ତେବେ ଏହି ବିବାହ ଚର୍ଚ୍ଚା ଉପରେ ମୃଣାଳ ପୂର୍ବରୁ କହିଥିଲେ ଯେ, ଧନୁଷଙ୍କ ସହ ତାଙ୍କର କୌଣସି ପ୍ରେମ ସମ୍ପର୍କ ନାହିଁ । ସେ ଧନୁଷଙ୍କୁ କେବଳ ଜଣେ ଭଲ ବନ୍ଧୁ ବୋଲି ଦର୍ଶାଇଥିଲେ । ସ୍କ୍ରିନିଂ ଇଭେଣ୍ଟକୁ ନେଇ ସେ ସ୍ପଷ୍ଟ କରିଥିଲେ ଯେ ଧନୁଷଙ୍କୁ ଅଜୟ ଦେବଗନ ନିମନ୍ତ୍ରଣ କରିଥିଲେ ।

ସୂଚନାଯୋଗ୍ୟ ଯେ, ଧନୁଷ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ । ୧୮ ବର୍ଷର ବୈବାହିକ ଜୀବନ ପରେ ୨୦୨୨ ମସିହାରେ ସେମାନେ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ । ସେମାନଙ୍କର ଦୁଇଟି ପୁଅ ମଧ୍ୟ ଅଛନ୍ତି ।

## 'ସ୍ପିରିଟ' ସହ ଫେରୁଛନ୍ତି ସାଉଥ ଷ୍ଟାର ପ୍ରଭାସ

'**ସ୍ପି**ରିଟ' ସହ ଫେରୁଛନ୍ତି ସାଉଥ ଷ୍ଟାର ପ୍ରଭାସ । ଏହି ଫିଲ୍ମ ଘୋଷଣା ଦିନ ଠାରୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ନିର୍ମାତା ଫିଲ୍ମର ପ୍ରିମିୟର ତାରିଖ ଘୋଷଣା କରିଛନ୍ତି । 'ଆନିମଲ' ଚଳଚ୍ଚିତ୍ର ନିର୍ମାତା ସନ୍ଦୀପ ରେଡ୍ଡୀ ଭଙ୍ଗାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ । ନୂଆବର୍ଷରେ ନିର୍ମାତା ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ କରିଥିଲେ, ଯେଉଁଥିରେ ପ୍ରଭାସ ଏବଂ ତ୍ରିପ୍ତୀଙ୍କ ମଧ୍ୟରେ ରୋମାନ୍ସ ଦେଖିବାକୁ ମିଳିଥିଲା ।

ନିର୍ମାତାମାନେ ଫିଲ୍ମ ସ୍ପିରିଟ୍‌ର ରିଲିଜ ତାରିଖ ପ୍ରକାଶ କରିଛନ୍ତି । ତେବେ ଏନେଇ ପ୍ରଭାସ ତାଙ୍କ ଇନଷ୍ଟାଗ୍ରାମରେ ସ୍ପିରିଟ୍ ବିଷୟରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ ରିଲିଜ ତାରିଖ ଦର୍ଶାଇ ଏକ ପୋଷ୍ଟର ପୋଷ୍ଟ କରିଛନ୍ତି । ରିଲିଜ ତାରିଖ ପୋଷ୍ଟର ସେୟାର କରି ପ୍ରଭାସ ଲେଖିଛନ୍ତି, ସ୍ପିରିଟ୍ ୫ ମାର୍ଚ୍ଚ, ୨୦୨୭ରେ ବିଶ୍ୱସ୍ତରରେ ମୁକ୍ତିଲାଭ କରିବ । ଫିଲ୍ମର ରିଲିଜ ଇଦ୍ ଏବଂ ମହାଶିବରାତ୍ରୀରେ ହେବ । ଯାହା ଏହାକୁ ବହୁତ ରୋମାଞ୍ଚକର କରିଥାଏ ଏବଂ ଏକ ପ୍ରମୁଖ ବକ୍ସ ଅଫିସ୍ ହିଟ୍ ହେବାର ସମ୍ଭାବନା ଥାଏ । ସନ୍ଦୀପ ରେଡ୍ଡୀ ଭଙ୍ଗା ଏକ ଜବରଦସ୍ତ ବକ୍ସ ଅଫିସ ସଫଳତା ପରେ ଏହି ପ୍ରୋଜେକ୍ଟ ସହିତ ଫେରିଛନ୍ତି । ତାଙ୍କର ପୂର୍ବ ନିର୍ଦ୍ଦେଶିତ ଫିଲ୍ମ, ଆନିମଲ୍, ବକ୍ସ ଅଫିସରେ ଏକ ବଡ଼ ସଫଳତା ପାଇଥିଲା, ଯାହା ସାରା ବିଶ୍ୱରେ ୯୧୫ କୋଟିରୁ ଅଧିକ ଆୟ କରିଥିଲା ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୮ ଜାନୁଆରୀ ୨୦୨୬ । ରବିବାର

# କୁଶଭଦ୍ରାକୁ ଝୁଣିସାରିଲେଣି ମାଫିଆ, ପ୍ରଶାସନ କୋମାରେ!



**୧୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କୁଶଭଦ୍ରା ନଦୀତଟସ୍ଥ ନିମାପଡ଼ାରୁ ଗୋପ ୧୦କି.ମି. ରାସ୍ତାରେ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ଦିନରାତି ମନଇଚ୍ଛା ବାଲି, ମାଟି ଚୋରା ଚାଲାଣ ହେଉଛି । ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି । ନଦୀପଠାରୁ ବାଲିମାଟି ତାଡ଼ି ମାଫିଆମାନେ ସମ୍ପୂର୍ଣ୍ଣ ଝୁଣି ସାରିଲେଣି କୁଶଭଦ୍ରାକୁ । ତଥାପି ପ୍ରଶାସନ ଆଖି ବନ୍ଦ କରି ରଖିଛି । ବାଲି, ମାଟି ଆଦି ଲଘୁ ଖଣିଜଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ଲାଗି ଖଣି ଅଧିକାରୀ, ରାଜସ୍ୱ, ଜଙ୍ଗଲ ବିଭାଗ ଓ ପୋଲିସ ପ୍ରଶାସନକୁ ନେଇ ଏକ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଗଠିତ ହୋଇଥିଲା । କମିଟିର ଚେୟାରମ୍ୟାନ ତହସିଲଦାର ଥିବାବେଳେ ଖଣିବିଭାଗ ଅଧିକାରୀ ଆବାହକ, ଥାନା ଆଇଆଇସି ଏବଂ ଜଙ୍ଗଲ ବିଭାଗ ଅଧିକାରୀ ଏହି କମିଟିର ସଭ୍ୟ ଅଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଉପଯୁକ୍ତ ସମନ୍ୱୟ ଅଭାବରୁ ବାଲି ମାଫିଆମାନେ ଏହାର ଫାଇଦା ଉଠାଉଛନ୍ତି । ନିମାପଡ଼ାରୁ ଗୋପକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାର୍ଶ୍ୱରେ ନଦୀବନ୍ଧ କଡରେ ଧୀରପୁର, ଦିଘାଲୋ ଆଦି ସ୍ଥାନ ମାନଙ୍କରେ କିଛି ଧୂର୍ତ୍ତ ମାଫିଆ ବେନିୟମ ଅଫିସ ଗୃହ ନିର୍ମାଣ କରିବା ସହିତ ସେଠାରେ ଦଳୀୟ ପତାକା ଲଗାଇ ପ୍ରଚୁର ପରିମାଣର ଚୋରା ବାଲି, ମାଟି ଲୁଟକରି ପାହାଡ଼ ଉଚ୍ଚର ଗଚ୍ଛିତ ରଖିଥିବା ଦେଖିବାକୁ ମିଳିଛି । ତେରୁଣ୍ଡିଆ ପଞ୍ଚାୟତରେ ନିଜକୁ ପ୍ରଭାବଶାଳୀ ନେତା ବୋଲାଉଥିବା ଏହି ବ୍ୟକ୍ତିମାନେ ଜେସିବି, ଟ୍ରାକ୍ଟର ଓ ହାଇୱା ଲଗାଇ ଦିନରାତି ନିର୍ଭୟରେ ବେଆଇନ ଭାବେ ବାଲି, ମାଟି ବୋହି ଚାଲିଛନ୍ତି । ତେବେ ଏହି ଅଞ୍ଚଳରେ ଦିନକୁ ଦିନ ମାଫିଆଙ୍କ ଉପଦ୍ର ବଢ଼ି ଚାଲିଥିବା ବେଳେ ମୁଖ୍ୟରାସ୍ତା ପାର୍ଶ୍ୱରେ ଖୁଲମଖୁଲା ଏତେ ପରିମାଣର ଚୋରା ବାଲି ଓ ମାଟି ଗଚ୍ଛିତ ରହିଥିଲେ ମଧ୍ୟ ପ୍ରଶାସନ କିପରି ଚୁପ୍ ରହିଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖଣି ଅଧିକାରୀଙ୍କ କହିବା ମୁତାବକ ଖଣି ବିଭାଗର ଅନୁପସ୍ଥିତିରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଚଢ଼ାଉ କରି ବାଲି ଚୋରା ଚାଲାଣକୁ ରୋକିବା ସହିତ କାର୍ଯ୍ୟାନୁଷ୍ଠାନ ନେଇପାରିବେ । ଏଠାରେ ପ୍ରଶ୍ନ ଉଠୁଛି ବାଲି ଚୋରାଚାଲାଣକୁ ରୋକିବାପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଗଲା, ବଡବଡିଆ ଅଧିକାରୀମାନେ ଏଥିରେ ରହିଲେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କୁଣ୍ଠିତ କାହିଁକି? ବାଲି ମାଫିଆଙ୍କ ପାଇଁ କ'ଣ ନିୟମକାନୁନ କିଛି ନାହିଁ? ସାଧାରଣରେ ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଆଜିର ରାଶିଫଳ

| ତାରିଖ | ରବିବାର– ଅମାବାସ୍ୟା |
|---|---|
| ୧୮.୧.୨୦୨୬ | ନକ୍ଷତ୍ର– ପୂର୍ବାଷାଢ଼ା, ଧନୁଚନ୍ଦ୍ର |

| | |
|---|---|
| ମେଷ | : କାର୍ଯ୍ୟସିଦ୍ଧି ହେବେ । |
| ବୃଷ | : ପୂଜାରେ ଆନନ୍ଦ ପାଇବେ । |
| ମିଥୁନ | : ଦୁର୍ଘଟଣା ଭୟ ରହିଛି । |
| କର୍କଟ | : ଗୁରୁଜନ ଆପଣଙ୍କ ଉପରେ ପ୍ରସନ୍ନ ହେବେ । |
| ସିଂହ | : ପୁରସ୍କୃତ ହେବେ । |
| କନ୍ୟା | : ସମ୍ମାନ ବୃଦ୍ଧି ପାଇବ । |
| ତୁଳା | : ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବ । |
| ବିଛା | : ପରାକ୍ରମ ବୃଦ୍ଧି ହେବ । |
| ଧନୁ | : ଶୁଭ ସମାଚାର ପାଇବେ । |
| ମକର | : ଦିନଟି ସୁଖର ଦିନ ହେବ । |
| କୁମ୍ଭ | : ବ୍ୟବସାୟରେ ଅଳ୍ପଲାଭ ମିଳିବ । |
| ମୀନ | : ବନ୍ଧୁରେ ଆଗ୍ରହ ବଢ଼ିବ । |

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା




**ନିଆଳି, ୧୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୪ ମହଲା କୋଠାରେ ରୋଗୀଙ୍କ ଜୀବନ ବାଜିରେ ଲାଗୁଚି । କେତେବେଳେ ଯେ ଅଘଟଣ ଘଟିବ କହିହେବ ନାହିଁ । ରାଜ୍ୟ ସରକାର ସ୍ୱାସ୍ଥ୍ୟ ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ବେଳେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିହାତି ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିନଥିବା ଅଭିଯୋଗ ହେଉଛି ।

ସୂଚନା ଥାଉ କି ୬ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇ ୪ ମହଲା ବିଶିଷ୍ଟ ନୂତନ ଗୃହ ନିର୍ମାଣ ହୋଇଥିଲେ ବି ଏହାର ଉଦ୍‌ଘାଟନକୁ ୯ ମାସ ବିତି ଗଲାଣି । ଏହି ଗୃହରେ ରୋଗୀ ଚିକିତ୍ସା ହେଉଥିବା ବେଳେ ଡାକ୍ତର ଚିକିତ୍ସା କରୁଛନ୍ତି । ଏତେବଡ଼ ଗୃହରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କ ପରିବାର ଓ ରୋଗୀଙ୍କ ସମ୍ପର୍କୀୟମାନେ ଚିକିତ୍ସା ସମୟରେ ଚିନ୍ତା ପ୍ରକଟ କରୁଛନ୍ତି । ଉଦ୍‌ଘାଟନ ପରେ ପୂର୍ତ୍ତ ବିଭାଗ ଉକ୍ତ ଗୃହଟିକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିଛିଛ୯ମାସ ମଧ୍ୟରେ ଅଗ୍ନି ସେବା ବିଭାଗକୁ ଅଗ୍ନି ନିରପତ୍ତା ବ୍ୟବସ୍ଥା ନିମନ୍ତେ କିଛି କରାଯାଇ ନଥିବା ଜିଲ୍ଲା ଅଗ୍ନିସେବା ଅଧିକାରୀ ସଂଜୟ କୁମାର ବେହେରା କହିଛନ୍ତି । ଅଗ୍ନିସେବା ବିଭାଗର ନିୟମ ଅନୁଯାୟୀ, ୩ ମହଲା କୋଠା ଓ ୩୦ଟି ରୋଗୀସେବା ବେଡ୍ ଥିଲେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ବାଧ୍ୟତାମୂଳକ । ଯଦି ଏହି ନିୟମକୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ନ ମାନନ୍ତି ତାଙ୍କ ବିରୁଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ରୋଗୀ ଙ୍କ ସୁରକ୍ଷା ଦିଗରେ ଏତେ ଅବହେଳା କାହିଁକି । ଗୃହ ନିର୍ମାଣ ସମୟରେ ପୂର୍ତ୍ତ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଉନାହାନ୍ତି କାହିଁକି? ଏସବୁ ଭିତରେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ । ଏ ନେଇ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏସ ନବୀନଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ ।

# ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣ, ୭ରୁ ଊର୍ଦ୍ଧ୍ୱ ଆହତ

**ମାହାଙ୍ଗା, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧିନ ବାଜପୁରା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣ ସହ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ତିନି ଘର ଭଙ୍ଗାରୁଜା ହୋଇଥିବା ଜଣାଯାଇଛି ।

ପ୍ରକାଶ ଯେ, ଗତକାଲି ଦିନ ୨ଟା ସମୟରେ ଏହି ଗ୍ରାମର ଗ୍ରାମଦେବତୀ ମା' ନାକାହାଣୀ ମନ୍ଦିରର ବାର୍ଷିକ ଉତ୍ସବ ଓ ଯଜ୍ଞ ନିମନ୍ତେ ଗ୍ରାମବାସୀଙ୍କ ସାହାଯ୍ୟ ଦାନ ନିମନ୍ତେ ମାଗଣ କରୁଥିବା ସମୟରେ ଛତିଆ ଅଞ୍ଚଳରେ ରହୁଥିବା ଦିଲୀପ ସାହୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ହାତରେ ମାରଣାସ୍ତ୍ର ଧରି ମାଗଣ କରୁଥିବା ବ୍ୟକ୍ତି ଏବଂ ଗ୍ରାମବାସୀଙ୍କୁ ଧମକାଇ ମୋତେ ନ ପଚାରି କାହିଁକି ମାଗଣ କରୁଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସଂଘବଦ୍ଧ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ଆହତ ହୋଇ ନିଜର ଜୀବନ ବଞ୍ଚାଇବାକୁ ଗ୍ରାମର ପଡୋଶୀଙ୍କ ଘରକୁ ପଶି ଯାଇଥିଲେ । କିନ୍ତୁ ଏହାପରେ ସେମାନେ ପ୍ରଥମେ ସଞ୍ଜୟ ରାଉତଙ୍କ ଘର ଉପରକୁ ଟେକା ପଥର, କାଚ ବୋତଲ ଫୋପାଡି ମାରଣାସ୍ତ୍ରରେ କବାଟ ଓ ଝରକାକୁ ହାଣିବା ସହ ଆଜବେଷ୍ଟସ ଛପରକୁ ବାଡେଇ ଭାଙ୍ଗି ଦେଇଥିଲେ । ପରେ ସେମାନେ ଶ୍ରୀ ରାଉତଙ୍କ ଘର ସମ୍ମୁଖରେ ଥିବା ଧାନ ଗଦାରେ ନିଆଁ ଲଗାଇ ଦେଇଥିଲେ । ଏହାପରେ ନାୟକ ସାହିରେ କେଶବ ନାୟକଙ୍କ ୫ ଭାଇଙ୍କ ପରିବାର ଉପରେ ଅଥକନୀୟ ଆକ୍ରମଣ କରି ଇଲେକଟ୍ରିକ ମଟର,ଏକ ମୋଟର ସାଇକେଲଙ୍କୁ ଭାଙ୍ଗିବା ସହ ମହିଳାମାନଙ୍କ ଲୁଗାପଟାକୁ ଟଣାଓଟରା କରି ମାଡ ମାରିଥିଲେ ଏବଂ ସେମାନେ ଖାଉଥିବା ଭାତ ଥାଳିକୁ ତାଙ୍କ ଉପରକୁ ଫୋପାଡି ଥିଲେ । ଯାହାଫଳରେ କେଶବଙ୍କ ୪ ଜଣ ଲୋକ ଆହତ ହୋଇଥିଲେ । ଏହାପରେ ମାଗଣ କରୁଥିବା ସୌମ୍ୟରଞ୍ଜନ ରାଉତ ମୁଣ୍ଡକୁ ହଠାତ୍ ଦିଲୀପ ଆକ୍ରମଣ କରିଥିଲା ଫଳରେ ସୌମ୍ୟରଞ୍ଜନଙ୍କ ମୁଣ୍ଡ ଫାଟି ଯାଇଥିଲା । ସେତିକିରେ ସନ୍ତୁଷ୍ଟ ନ ହୋଇ ଦୁର୍ବୃତ୍ତମାନେ ସୌମ୍ୟରଞ୍ଜନଙ୍କ ଘରକୁ ଆସି ତାଙ୍କ ପରିବାରର ଜୈନିକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ କାଚ ବୋତଲ ଫୋପାଡି ଆକ୍ରମଣ କରିବା ସହ ମାରଣାସ୍ତ୍ରରେ ଲୁହା ଝରକା ଓ ପାଣି ପାଇପକୁ ନଷ୍ଟ କରି ଦେଇଥିଲେ । ଖବର ପାଇ ୩ ଜଣ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଦୁର୍ବୃତ୍ତମାନେ ସେମାନଙ୍କ ଉପରକୁ ଟେକାପଥର ଓ କାଚ ବୋତଲ ଫୋପାଡିବାରୁ ସେମାନେ ଫଛଘଞ୍ଚା ଦେଇଥିଲେ । ଏହା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ମାହାଙ୍ଗା ଆଇଆଇସି ତପନ କୁମାର ରାଉତଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ମାହାଙ୍ଗା ପୋଲିସ ଗ୍ରାମ ସହ ସ୍ଥାନୀୟ ଅଞ୍ଚଳରେ ଚଢାଉ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି । ଏବେ ଏହି ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଏସଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ଶ୍ରୀ ରାଉତ, ଫାଣ୍ଡି ଅଧିକାରୀ ବିମ୍ବାଧର ମଳିକ, ଏସଆଇ ଆର୍ତ୍ତବନ୍ଧୁ ସେଠୀ, ଚନ୍ଦ୍ରଶେଖର ବେହେରା ପ୍ରମୁଖ ସମେତ ଏକ ପ୍ଲାଟୁନ ଫୋର୍ସ ଗ୍ରାମରେ ଉତ୍ତେଜନାକୁ ଏଡାଇବା ପାଇଁ ଗ୍ରାମରେ ପଇଁତରା ମାରି ଭୟଭୀତ ନ ହେବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ ।

# ଷଣ୍ଢଙ୍କ ପାଇଁ ଗୋଶାଳା କରି ଫସଲ ସୁରକ୍ଷା ଦାବି

**ବାଲିପାଟଣା, ୧୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିପାଟଣା ବ୍ଲକରେ ଦିନକୁ ଦିନ ବୁଲାଷଣ୍ଢଙ୍କ ଉପଦ୍ର ବୃଦ୍ଧି ପାଇବାରେ ଲାଗିଛି । ଏପରିକି ଦୀର୍ଘ ଦୁଇବର୍ଷ ହେବ ବାଲିପାଟଣା ବ୍ଲକର ୧୭ଟି ପଞ୍ଚାୟତର ସମସ୍ତ ଗାଁରେ ଶହ ଶହ ବୁଲା ଷଣ୍ଢ ବୁଲୁଛନ୍ତି । ଖାଦ୍ୟ ଅଭାବରୁ ରବି ଓ ଖରିଫ ଋତୁରେ ଶହ ଶହ ଏକର ଧାନ, ବିରି, ମୁଗ, କୋଳଥ ଓ ପରିବା ଫସଲ ଖାଇ ନଷ୍ଟ କରିଦେଉଛନ୍ତି । ଏପରିକି ଗୋଟେ ଗୋଟେ ବିଲରେ ସମୂହଭାବେ ପଶି ଫସଲ ଖାଇ ପଡିଆ କରିଦେଉଛନ୍ତି । ରାସ୍ତା ପାର୍ଶ୍ୱରେ ଥିବା ଜମିଗୁଡିକର ଫସଲ ବ୍ୟାପକ କ୍ଷତି ହେଉଛି । ଫଳରେ ଚାଷୀର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇ ପଡୁଛି । ଏ ସଂକ୍ରାନ୍ତରେ ଏକ ଚାଷୀ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡିସେମ୍ବର ୩୦ତାରିଖରେ ଅଭିଯୋଗ ପତ୍ର ଦେଇଥିଲେ । ସେଥିରେ କିଛି ସୁଫଳ ନମିଳିବାରୁ ଗାରେଡିପାଞ୍ଚଣ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଭିଯୋଗ ଦେଇଥିଲେ । ପ୍ରଶାସନ ପକ୍ଷରୁ କିଛି ତତ୍ପରତା ଅନୁଭବ ନହେବାରୁ ଶୁକ୍ରବାର ଏକ ଚାଷୀ ପ୍ରତିନିଧି ଦଳ ବାଲିପାଟଣା ବ୍ଲକ ବିଡ଼ିଓ ଓ ତହସିଲ କାର୍ଯ୍ୟାଳୟ ଯାଇ ଅଧିକାରୀମାନଙ୍କୁ ଭେଟିଥିଲେ । ଯେହେତୁ ୨୭ତାରିଖରେ ଆଳିସିଶାସନ ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଅଛି ସେଠାରେ ଭେଟି ଅଭିଯୋଗ କରିବାକୁ ବୈଠକରେ ସ୍ଥିର ହୋଇଛି । ତୁରନ୍ତ ବ୍ଲକରେ ଅତି କମରେ ତିନୋଟି ଗୋଶାଳା କରାଯାଇ ବୁଲାଷଣ୍ଢଙ୍କୁ ଥଇଥାନ ନକଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥିର ହୋଇଛି । ଏହି ବୈଠକରେ ଚାଷୀ ଅଭିମନ୍ୟୁ ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ବଟକୃଷ୍ଣ ରାଉତରାୟ,ପ୍ରଦୋଷ କୁମାର ସେନାପତି, ହରିହର ଜେନା, ସତ୍ୟବାଦୀ ସ୍ୱାଇଁ, ଚିତ୍ତରଞ୍ଜନ ପାଣିଗ୍ରାହୀ, ତ୍ରିଲୋଚନ ଭୋଇ, ଜ୍ୟୋତିରଞ୍ଜନ ନାୟକ, ବିଜୟକେତନ ବ୍ରହ୍ମା ଓ ଅଭିମନ୍ୟୁ ଭଞ୍ଜଙ୍କ ସମେତ ଅନ୍ୟ ଚାଷୀମାନେ ବୈଠକରେ ଉପସ୍ଥିତ ଥିଲେ ।

# ସୁନା ବ୍ୟବସାୟୀଙ୍କ ଘରୁ ଲୁଟ ଘଟଣାର ଟେର ପାଉନି ପୋଲିସ

**ଖଣ୍ଡପଡ଼ା, ୧୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଗ୍ରାମର ସୁନା ଅଳଙ୍କାର ବ୍ୟବସାୟୀ ବିଜୟ କୁମାର ପୃଷ୍ଟିଙ୍କ ବାସଗୃହ ପଛ ପାର୍ଶ୍ୱରେ ଲୁଟେରାମାନେ ଗତ ୧୪ ତାରିଖ ରାତିରେ ପ୍ରବେଶ କରି ନଗଦ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ସବୁକିଛି ଲୁଟି ନେଇଥିଲେ । ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଛାନଭିନ କରିଥିଲେ ହେଁ ଘଟଣାର ୨ ଦିନ ପରେ ମଧ୍ୟ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ଲୁଟେରାମାନଙ୍କ ଟେର ପାଇ ପାରିନାହିଁ । ଘଟଣାସ୍ଥଳରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ ସଫଳ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଅପରପକ୍ଷେ ଏହି ଚୋରି ଘଟଣା ପଛରେ ଖଳିସାହି ଗ୍ରାମର କିଛି ନିଶାଖୋର ଅସାମାଜିକ ଯୁବକଙ୍କ ହାତଥିବା ନେଇ ପୋଲିସ ସନ୍ଦେହ କରୁଛି । ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଆଧାର କରି ପୋଲିସ ଘଟଣାର ଖୋଳତାଡ କଲେ ଚୋରୀ ଘଟଣାର ପର୍ଦ୍ଦାଫାସ ହୋଇପାରିବ ବୋଲି ଖଳିସାହି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ।

## ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ଶ୍ରେଣୀ ଗୃହରେ ସୁଖ ନିଦ୍ରାରେ ପ୍ରଧାନ ଶିକ୍ଷକ



**ହିନ୍ଦୋଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ପାଟଲା ସ୍ଥିତ କାଳିକା ପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପ ଯୋଗୁଁ ବିଦ୍ୟାଳୟରେ ଅଚଳାବସ୍ଥା ଲାଗି ରହିଥିବା ନେଇ ଅଭିଭାବକମାନେ ହିନ୍ଦୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ଆକାରରେ ଜଣାଇଛନ୍ତି । ଅଭିଭାବକ ମାନଙ୍କ ଅଭିଯୋଗ ମୁତାବକ ପ୍ରଧାନ ଶିକ୍ଷକ ନିୟମିତ ବିଦ୍ୟାଳୟକୁ ବିଳମ୍ବରେ ଆସିବା, ଶିକ୍ଷାଦାନ ବଦଳରେ ଅଫିସ କକ୍ଷ, ସ୍କୁଲ ବାରଣ୍ଡା, ଏପରିକି ପିଲାମାନେ ପଠପଢୁ ଥିବା ଶ୍ରେଣୀ କକ୍ଷ ମଧ୍ୟରେ ଶଯ୍ୟା ପାରି ନିଘୋଡ଼ ନିଦରେ ଶୋଇବା ସହିତ ପିଲାମାନଙ୍କୁ କଟୁ ଭାଷା ପ୍ରୟୋଗ କରିବା, କ୍ରୋଧରେ ବ୍ୟାଟରେ ପିଟାପିଟି କରିବା ଭଳି ଅଶୋଭନୀୟ ଆଚରଣ ଦେଖାଇ ଥାଆନ୍ତି । ପାଠ ନପଢ଼ାଇ ସମୟେ ସମୟେ ଗାଁ ମୁଣ୍ଡ ଛକ ସ୍ଥାନରେ ରହିଥିବା ଚଉପାରିରେ ଶୋଇବା ଭଳି କାର୍ଯ୍ୟ କଳାପ ଯୋଗୁଁ ଅଭିଭାବକ ମହଲରେ ଅତିଷ୍ଠ ହୋଇ ପଡ଼ିଛନ୍ତି । ସେହିଭଳି ସହକାରୀ ସମୟେ ସମୟେ ବିଦ୍ୟାଳୟକୁ ଇନ୍‌ଫର୍ମରେ ଆସିବା ସହ ମଦ୍ୟ ପାନ କରୁଥିବାର କେତେକ ଅଭିଭାବକ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ଏଥି ଯୋଗୁଁ ବିଦ୍ୟାଳୟ ଭଳି ଶିକ୍ଷା ମନ୍ଦିରରେ ସୁସ୍ଥ ବାତାବରଣ ଅସୁସ୍ଥ ହୋଇ ଗଲାଣି । ଅଧୁନା ବିଦ୍ୟାଳୟରେ ୮୭ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ଉକ୍ତ ଶିକ୍ଷକ ଦ୍ୱୟଙ୍କ ବ୍ୟତୀତ ଆଉ ଜଣେ ସହକାରୀ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଦାୟିତ୍ୱହୀନ ପ୍ରଧାନ ଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଭାବକମାନେ ବିଇଓଙ୍କ ନିକଟରେ ଅଭିଯୋଗ କରି ଆସିଥିଲେ । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେମାନେ ବିଦ୍ୟାଳୟ ସମ୍ମୁଖ ଫାଟକ ତାଲା ପକାଇ ଧାରଣା ଦେବାକୁ ଅଭିଯୋଗରେ ଚେତାଇ ଦେଇଥିଲେ । ସେଥିରେ ବିଳମ୍ବ ଘଟିବାରୁ ଅଭିଭାବକମାନେ ପୁନର୍ବାର ଦାବି ଦୋହୁରାଇଛନ୍ତି । ଏ ସମ୍ପର୍କରେ ବିଇଓ ହରିହର ଦେହୁରୀଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଛି ଘଟଣାର ତଦନ୍ତ କରି ଖୁବ୍ ଶୀଘ୍ର ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠନ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି ।

# ବାରବାଙ୍କରେ ଗାଡ଼ି ଓଲଟି ୬ ଯାତ୍ରୀ ଆହତ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳର ପବିତ୍ର ଶୈବପୀଠ କପିଳାସ ପୀଠରୁ ଦର୍ଶନ ସାରି ଉପରୁ ତଳକୁ ଫେରୁଥିବା ଶ୍ରଦ୍ଧାଳୁ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିବାର ଦେଖିବାକୁ ମିଳିଛି । ଏକ ମାରୁତି ଇକୋ କାର ବାରବାଙ୍କରେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଇକୋ କାରଟି କପିଳାଶ ବାରବାଙ୍କ ଘାଟି ରାସ୍ତାର ୧୦ନମ୍ବର ବାଙ୍କ ପାଖରେ ଭାରସାମ୍ୟ ହରାଇ ଓଲଟି ପଡିଛି । ତେବେ ପାର୍ଶ୍ୱରେ ଥିବା ଗାର୍ଡ ୱାଲରେ ଗାଡିଟି ଅଟକି ରହିବା ଯୋଗୁଁ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି । ତେବେ କାରରେ ଥିବା ୬ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ଦେଓଗାଁ ପ୍ରାଥମିକ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ସେଠାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଆହତମାନଙ୍କ ମଧ୍ୟରେ ୪ଜଣ ମହିଳା ଓ ୨ଜଣ ପୁରୁଷ ରହିଛନ୍ତି । ତେବେ ସେମାନେ ବିପଦ ମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି । ଆହତମାନେ ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡିଛି । ଅନୁଗୁଳ ବଆଁରପାଳ ଅଞ୍ଚଳର ଏହି ପରିବାର ଇକୋ କାର ଯୋଗେ କପିଳାଶ ଦର୍ଶନ ପାଇଁ ଆସିଥିଲେ । ତେବେ କପିଳାଶ ଉପରକୁ ଯାଇ ଦର୍ଶନ ସାରି ବାରବାଙ୍କ ଘାଟି ରାସ୍ତାରେ ତଳକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ବାଙ୍କ ରାସ୍ତାରେ ଭାରସାମ୍ୟ ହରାଇ ଗାଡିଟି ଓଲଟି ପଡିଥିବା ଜଣାପଡିଛି । ବାଙ୍କ ଠାରେ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିବା ସହିତ ସ୍ଥାନାନ୍ତର କରି ଫାଣ୍ଡି ଠାରେ ରଖିଛି କିପରି ଓ କାହିଁକି ଏହି ଦୁର୍ଘଟଣା ଘଟିଲା ତାହା ଉପରେ ଗଁଦିଆ ପୋଲିସର ଅନୁସନ୍ଧାନ ଚାଲିଛି ।

# କଳିଙ୍ଗନଗରରେ ବି.କେ ଷ୍ଟିଲକୁ ବିରୋଧ



**କଳିଙ୍ଗନଗର, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ନୂତନ ଶିଳ୍ପ ସ୍ଥାପନା ହେଉଥିବା ସତ୍ତ୍ୱେ କ୍ଷତିଗ୍ରସ୍ତ ପରିବାରମାନେ କାରଖାନା ପକ୍ଷରୁ ଦିଆଯାଉଥିବା ପ୍ରତିଶ୍ରୁତ ସୁବିଧା ସୁଯୋଗ ପାଇବାରେ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ମିଥ୍ୟା ପ୍ରତିଶ୍ରୁତିରେ ଅସନ୍ତୋଷ ବଢ଼ିଥିବା ଏହି ଚିତ୍ର ଆଜି ଯଖପୁରାରେ ପୁଣିଥରେ ଦେଖିବାକୁ ମିଳିଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଯଖପୁରା ଗ୍ରାମରେ ପ୍ରସ୍ତାବିତ ବି. କେ ଷ୍ଟିଲ କାରଖାନା ସ୍ଥାପନାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତୀବ୍ର ବିରୋଧ ପ୍ରକାଶ ପାଇଛି ।

ଆଜି କାରଖାନା ପକ୍ଷରୁ ତିନୋଟି କଣ୍ଟେନର ଅନଲୋଡିଂ କରାଯାଉଥିବା ବେଳେ ଗ୍ରାମବାସୀ ଓ ଯୁବକମାନେ ଘଟଣା ସ୍ଥଳରେ ପହଁଚି ତୀବ୍ର ବିରୋଧ କରିଥିଲେଛ ଯଖପୁରା ପୁଲିସ ପହଁଚିବା ପରେ ମଧ୍ୟ ଆନ୍ଦୋଳନ ଚାଲୁ ରହିଥିଲା । ଲୋକମାନେ ଆନ୍ଦୋଳନ ସ୍ଥଳ ଛାଡ଼ିନଥିବାରୁ କାରଖାନା କର୍ତ୍ତୃପକ୍ଷ କେବଳ ଗୋଟିଏ କଣ୍ଟେନର ଅନଲୋଡିଂ କରିପାରିଥିଲେ, ଅନ୍ୟ ଦୁଇଟି କଣ୍ଟେନର ଫେରାଇ ନେବାକୁ ପଡ଼ିଥିଲା । କାରଖାନା ଦ୍ୱାରା ପ୍ରଭାବିତ ପରିବାରମାନଙ୍କୁ ସ୍ଥାନୀୟ ନିଯୁକ୍ତି, ଠିକାଦାରୀ କାମରେ ଅଗ୍ରାଧିକାର, ପରିବେଶ ସୁରକ୍ଷା, ପାନୀୟ ଜଳ, ରାସ୍ତା ଓ ସ୍ୱାସ୍ଥ୍ୟ ସୁବିଧା ଦାବିକୁ ନେଇ ଯଖପୁରା ଗ୍ରାମର ଯୁବକମାନେ ପ୍ରସନ୍ନଜିତ ନାୟକଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ବିରୋଧ ପ୍ରଦର୍ଶନ କରିଛନ୍ତି । ଗ୍ରାମବାସୀମାନେ କହିଛନ୍ତି ଯେ, ପୂର୍ବରୁ ଆସିଥିବା ଅନେକ କାରଖାନା ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଓ ପାଚେରୀ ନିର୍ମାଣ ସମାପ୍ତ ହେବା ପରେ ସମସ୍ତ ପ୍ରତିଶ୍ରୁତି ଭୁଲିଯାଇଛନ୍ତି । କେବଳ ପ୍ରତିଶ୍ରୁତି ରହିଯାଉଛି, ଯାହାର ଫଳରେ ଗ୍ରାମବାସୀମାନେ ଆଜି ଅସୁବିଧା ଓ ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷିତରେ, ବି. କେ ଷ୍ଟିଲ କାରଖାନା କର୍ତ୍ତୃପକ୍ଷଙ୍କ ଠାରୁ ସମସ୍ତ ଦାବୀ ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ମିଳିବା ପର୍ଯ୍ୟନ୍ତ କାରଖାନାର କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରାଇ ନ ଦେବାକୁ ଯୁବକମାନେ କଠୋର ଚେତାବନୀ ଦେଇଛନ୍ତି । ପରିସ୍ଥିତି ଉପରେ ପୁଲିସ ନଜର ରଖିଥିବା ବେଳେ ଅଞ୍ଚଳରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଓଡ଼ିଶା ପ୍ରବେଶ ପଥରେ ପୂତିଗନ୍ଧମୟ ଡମ୍ପୟାର୍ଡ



**ଜଳେଶ୍ୱର, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୬୦ ନଂ ଜାତୀୟ ରାଜପଥ ପଶ୍ଚିମବଙ୍ଗ ସୀମାରୁ ମାତ୍ର ୩ କିମି ଭିତର, ଜଳେଶ୍ୱର ସହର ସନ୍ନିକଟ ସାନ୍ତିଆ ପୋଲଠାରେ ଅବୈଧ ଶବ ଓ ମଲା ଗୋରୁଗାଈ ଫିଙ୍ଗିବାରୁ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଜାତୀୟ ରାଜପଥ ନିର୍ମାଣ ପରେ ଏହି ସ୍ଥାନ ନିର୍ଜନ ହୋଇଯାଇଥିବାରୁ ସହଜରେ ମଲା ଗୃହପାଳିତ ପଶୁ, ଚାଲାଣ ହେଉଥିବା ମୃତ ଗୋରୁଗାଈ, ଅଜଣା ଶବକୁ ଫିଙ୍ଗି ଅସାମାଜିକ ତତ୍ତ୍ୱ ସହଜରେ ଚମ୍ପଟ ମାରୁଛନ୍ତି । ଦୀର୍ଘଦିନ ଧରି ସୀମାନ୍ତ ପ୍ରବେଶ ପଥରେ ଏହି ଭଳି ଅପରାଧିକ କାର୍ଯ୍ୟ ହେଉଥିବା ବେଳେ ନାକ ଫଟା ଗନ୍ଧ ଯୋଗୁଁ ଅନ୍ଧାରରେ ସହଜରେ ସେହି ସ୍ଥାନ ଚିହ୍ନଟ ହୋଇପାରୁଛି । ଓଡ଼ିଶାକୁ ଆସୁଥିବା ଶହଶହ ତୀର୍ଥଯାତ୍ରୀ ଯାଉଥିବା ବେଳେ କଟୁ ଗନ୍ଧ ଦ୍ୱାରା ଜଳେଶ୍ୱର ଆସିଗଲା ବୋଲି ଜାଣି ନାକ ଟେକୁଛନ୍ତି । ଅତିଥି ଦେବ ଭବ ସ୍ୱାଗତ ତୋରଣ ପରିବର୍ତ୍ତେ ଓଡ଼ିଶା ଓ ଜଳେଶ୍ୱର ପ୍ରତି ଖରାପ୍ ଧାରଣା ନେଇ ଯାତ୍ରୀ ମନ୍ତବ୍ୟ ଦେଉଛନ୍ତି । ସାଧାରଣ ଲୋକେ, ବାଇକ୍ ଆରୋହୀ, କୋର୍ଟ କାର୍ଯ୍ୟ ଲାଗି ଆସୁଥିବା ଲୋକେ, ଆଇନଜୀବୀ, ହାକିମମାନେ ରାସ୍ତାରେ ଗଲାବେଳେ ନାକ ବନ୍ଦ୍ କରି ବ୍ୟତିବ୍ୟସ୍ତ ହେଉଛନ୍ତି । ଏହାର ଗୋଟିଏ କି.ମି. ଆଗକୁ ସହର ଓ ବିଭିନ୍ନ ଅଞ୍ଚଳରୁ ପାଇଖାନା ସଫାକରି ଗାଡ଼ି ରେ ଆଣୁଥିବା ଆବର୍ଜନା ପାଣିକୁ ଜାତୀୟ ରାଜପଥ ମଧ୍ୟସ୍ଥଳରେ ଢାଳୁଥିବା ମଧ୍ୟ ଦେଖାଯାଉଛି । ଆଉ ୨କି.ମି. ଆଗକୁ ଗଲେ ନୂଆ ବଜାର ବାଇପାସ୍ ଉପରେ କୁକୁଡ଼ା, ଛେଳି, ମାଛ ମାଂସ ଦୋକାନ ର ଆବର୍ଜନା, ପଚା ଆମ୍ବ, ଫଳ ମୂଳ ସଢ଼ିଥିବା ଅଣ୍ଡା ଓ ମଇଳା ଦୀର୍ଘଦିନ ଧରି ଅବାଧରେ ଫିଙ୍ଗା ଚାଲିଛି । ସେଠାରୁ ପ୍ରାୟ ୫କିମି ଦୂର ନନ୍ଦିକା ଜମାଳପୁର ମଧ୍ୟସ୍ଥଳ ବାଇପାସ୍ ପାର୍ଶ୍ୱରେ ଥିବା ଗ୍ରୀନରେ କମ୍ପାନୀର ପରିତ୍ୟକ୍ତ ସ୍ଥାନରେ ସହର କୁଡ଼କୁଡ଼ ମଇଳା ଆବର୍ଜନା ଠୁଳ ହୋଇ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଅଛି । ପରିସ୍ଥିତି ଏମିତି ହୋଇଛି ଯେ ଜାତୀୟ ରାଜପଥ ଉପରେ ପଡ଼ିଥିବା କୁଡକୁଡ଼ ଆବର୍ଜନା ଉପରେ ଗାଡ଼ି ଯାଉଥିବା ଦେଖାଯାଉଛି । ସହର କେତେକ ବ୍ୟକ୍ତି ଓ ବ୍ୟବସାୟୀ ଦୋକାନରୁ ବାହାରୁଥିବା ଆବର୍ଜନା, ବିବାହ ବ୍ରତ ମାନଙ୍କରେ ବଳକା ଖାଦ୍ୟ,ପଚା ସଢା ପଦାର୍ଥ ମଧ୍ୟ ଏଣେ ତେଣେ ପକାଉଛନ୍ତିଛ କେତେକ ଲୋକଙ୍କ ଗୃହପାଳିତ ପଶୁ, ଗାଈ, ଗୋରୁ, ଛେଳି, ମଇଁଷି, ବିଲେଇ, କୁକୁର ଆଦିକୁ ମୃତ୍ୟୁ ପରେ ଜାତୀୟ ରାଜପଥ କଡରେ ପକାଇବାକୁ ସହଜ ମଣୁଛନ୍ତି । ଫଳରେ ଏହିସବୁ ସ୍ଥାନରେ ଯାତାୟାତ ବେଳେ ପଚା ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ପୌରପାଳିକାର ଡମ୍ପିଂ ସ୍ଥାନ ନ ଥିବାରୁ ଆବର୍ଜନା ଓ ବର୍ଜ୍ୟବସ୍ତୁ ସବୁ ରାସ୍ତାକଡ ଓ ଗ୍ରୀନରେ ସ୍ଥାନରେ ଠୁଳ କରି ରହୁଛି । ସେଥିରେ ବେଳେ ବେଳେ ନିଆଁ ଲାଗି ଥିବାରୁ ବିଷାକ୍ତ ଧୂଆଁ ଓ ଦୁର୍ଗନ୍ଧରେ ସହରାଞ୍ଚଳ ପରିବେଶ ଦୂଷିତ ହେଉଛି । ବିଶେଷ କରି ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବ୍ୟାପକ ପରିମାଣରେ ଅମାନୁଷିକ ଭାବେ ଥାକଥାକ କରି ଝୁଲାଇ ଗୋ ଚାଲାଣ ହେଉଥିବା ବେଳେ ବହୁ ଗୋଧନ ମୃତ୍ୟୁମୁଖରେ ପଡୁଛନ୍ତି । ଯାନ ଗୁଡ଼ିକ ବଞ୍ଚିଥିବା ଗାଈଗୋରୁଗୁଡ଼ିକୁ ସୀମାନ୍ତ ସୋନା କଣିଆରେ ଛାଡ଼ିବା ପରେ, ମଲା ଗୋରୁଗାଈଗୁଡ଼ିକୁ ଫେରାଇ ଆଣି ସାନ୍ତିଆ ପୋଲ ତଳକୁ ସହଜରେ ଫିଙ୍ଗି ସହଜରେ ଚମ୍ପଟ ମାରୁଛନ୍ତି । ଫଳରେ ଉଭୟ ରାସ୍ତା ପାର୍ଶ୍ୱର ପ୍ରାୟ ୨ କିମି. ପର୍ଯ୍ୟନ୍ତ ଦୁର୍ଗନ୍ଧରେ ଲୋକେ ଅତିଷ୍ଠ ହୋଇ ପଡିଛନ୍ତି ।

ବର୍ଷ ତମାମ ଦୁର୍ଗନ୍ଧମୟ ପରିବେଶରେ କୃଷକମାନେ ଚାଷ କାର୍ଯ୍ୟ କରିବାକୁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ବୁଧବାର ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ୬ଟି ମଲାଗୋରୁ ଗଦା ହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା । ଜୀବଗୁଡ଼ିକର ସତ୍କାର ହେଉନଥିବାରୁ ଦୀର୍ଘଦିନ ଧରି ପଡିରହ ସଢି ଅଞ୍ଚଳରେ ଘୋର ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଯାନରେ ଖୁନ୍ଦାଖୁନ୍ଦି କରି ଛେଳି ଚାଲାଣ ହେଉଥିବା ବେଳେ ସେଗୁଡିକର ମୃତ୍ୟୁ ହେଲେ ନପକାଇ ସନ୍ତର୍ପଣରେ ସକାଳେ ମାଂସ ଦୋକାନରେ ସହଜରେ କିନ୍ତୁ ବିକ୍ରି ହୋଇ ପାରୁଛି । କେତେକ ସଚେତନ ନାଗରିକ ଓ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ କହିବା ଅନୁସାରେ ପ୍ରଶାସନରେ ଜ୍ଞାତ ସାରରେ ଜାତୀୟ ରାଜପଥରେ ପ୍ରତ୍ୟହ ପ୍ରତିଦିନ ଶହ ଶହ ଛୋଟ ବଡ଼ ଯାନରେ ପଶ୍ଚିମବଙ୍ଗ କୁ ଗୋ ଚାଲାଣ ହେଉଛି । ତେବେ ପୌରପାଳିକା ଓ ପ୍ରଶାସନ ଏହି ସମସ୍ୟାର ଆଶୁ ସମାଧାନ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

ବିଦ୍ୟାଳୟସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି । ସେ କହିଛନ୍ତି– ୨୦୨୬–୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଉପରେ ଆଧାରିତ ହେବ । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା– କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି । ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ୍ୟ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ!

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୮ ଜାନୁଆରୀ ୨୦୨୬ | ରବିବାର

ଓଡ଼ିଶା ଏକ୍ସପ୍ରେସ୍

## ଦୁର୍ନୀତିର କୁପ୍ରଭାବ ମଧ୍ୟ ପିଲାଙ୍କ ପାଠ୍ୟପୁସ୍ତକରେ ରହୁ

ଦୁର୍ନୀତି କ'ଣ ଏବଂ ଏହାର କୁପ୍ରଭାବ କିଭଳି ସମାଜ ଉପରେ ପଡୁଛି ଏକଥା ପିଲାଏ ଜାଣିବା ଉଚିତ୍ । ବାପା ଠିକ୍ ସମୟରେ ଅଫିସ୍ ଯାଆନ୍ତି ନାହିଁ, ଲଞ୍ଚବ୍ରେକ୍‌ରେ ଘରକୁ ଖାଇବାକୁ ଆସି ପୁଣି ୩ଟା ୪ଟା ବେଳକୁ ଅଫିସ୍ ଯାଆନ୍ତି । ଗୋଟେ ସରକାରୀ କାମ ପାଇଁ ବାପାଙ୍କ ପାଖକୁ ଲୋକେ ବାରମ୍ବାର ଦୌଡନ୍ତି, ଘରକୁ ବି ଆସନ୍ତି । ଟଙ୍କା ନଦେଲେ ସରକାରୀ କାମ ହୁଏନି– ଏସବୁ ଯେ ଦୁର୍ନୀତି ଅନ୍ତର୍ଭୁକ୍ତ ଏକଥା ପିଲାଏ ଜାଣିବା ଉଚିତ୍ ପିଲାଟି ବେଳୁ । ତା'ହେଲେ ସେମାନେ ବାପାଙ୍କୁ ପଚାରି ପାରିବେ–ଏତେ ଡେରିରେ କ'ଣ ଅଫିସ୍ ଯାଉଛ? ବାପାମାନେ ମଧ୍ୟ ସଚେତନ ହେବେ ।

ଠିକାଦାର ସଠିକ୍ ଭାଗମାପର କଂକ୍ରିଟ ନ ଗୋଳାଇବା କାରଣରୁ ଛାତ ଭୁଶୁଡ଼ି ପଡୁଛି, କାମ ସରୁସରୁ ରାସ୍ତାରୁ ପିଚୁ ଉଠିଯାଉଛି । ଏଥିରେ ବିଭାଗୀୟ ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ସହଯୋଗ ରହୁଛି, ସେମାନଙ୍କ ସହଯୋଗ ବିନା ଠିକାଦାର ଏସବୁ କାମ ମୋଟେ କରିପାରନ୍ତାନି– ଏସବୁ ପିଲାଏ ଜାଣିବା ଉଚିତ୍ । ବିକାଶର ବାଧକ ଯେ ଦୁର୍ନୀତି, ଏଥିସହିତ ହତ୍ୟା, ଅପରାଧ, ଦୁଷ୍କର୍ମ, ନକଲି ଖାଦ୍ୟର ବଜାର ସୃଷ୍ଟି ହେବା ପଛରେ ବି ଦୁର୍ନୀତିର ହାତ ରହିଛି ଏକଥା କ'ଣ ପିଲାଟିଏ ଜାଣିଛି? ସିଏ ଜାଣେ ଲାଞ୍ଚ ନେବା ହିଁ ଏକମାତ୍ର ଦୁର୍ନୀତି ପର୍ଯ୍ୟାୟଭୁକ୍ତ ।

ସାର୍ ସ୍କୁଲ୍‌ରେ ମନଦେଇ ପଢ଼ାନ୍ତି ନାହିଁ, ଟିଉସନରେ ଖୁବ୍ ଭଲ ପଢ଼ାନ୍ତି । ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଯେଉଁମାନର ସେବା ଯୋଗାନ୍ତି ତା'ଠାରୁ ଉନ୍ନତମାନର ସେବା ଘରୋଇ ହସ୍ପିଟାଲ ଏବଂ ନର୍ସିଂହୋମ୍‌ରେ ସେଇ ଡାକ୍ତର ଯୋଗାଇଥାନ୍ତି– ଏସବୁ ଯେ ଦୁର୍ନୀତି ଏକଥା ପିଲାଟି ଜାଣୁ । ନେତାମାନେ ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଥାନ୍ତି ତା'ର ଖିଲାପ ଯେ ଦୁର୍ନୀତି ଏସବୁ କ'ଣ ପିଲାଏ ଜାଣଛନ୍ତି? ସେମାନେ ଦୁର୍ନୀତିକୁ ଘୃଣା କରନ୍ତୁ ପିଲାଟିଦିନୁ । ଏହାର ପ୍ରଭାବ ସେମାନେ ବଡ଼ ହୋଇ ଚାକିରି କରିବା ସମୟରେ ନିଶ୍ଚେ ପଡ଼ିବ ଏବଂ ସମାଜରେ ସୁଧାର ଆସିବ ବୋଲି ଆମେ ଆଶା କରିପାରିବା ।

ପିଲାଏ କାହିଁକି ସ୍କୁଲ୍‌ରେ ପ୍ରାର୍ଥନା ବୋଲନ୍ତି? 'ମତେ ଏତିକି ଶିଖାଅ ସାଇଁହେ, ମୋର ଧନଜନ ଲୋଡ଼ା ନାହିଁ ହେ'– ଏହାର ଅର୍ଥ ପିଲାଏ ବୁଝିବେ ବୋଲି ହିଁ ପିଲାଙ୍କୁ ସ୍କୁଲ୍‌ରେ ପ୍ରାର୍ଥନା ବୋଲିବାକୁ କୁହାଯାଏ । ପ୍ରାର୍ଥନା କ୍ଲାସ୍ ପରେ ପାଠପଢ଼ା ଆରମ୍ଭ ହୁଏ । ଭଲ–ମନ୍ଦ, ସତ୍–ଅସତ୍ ଏବଂ ନ୍ୟାୟ–ଅନ୍ୟାୟ– ଏସବୁ ଭିତରେ ପ୍ରଭେଦ କ'ଣ ଏବଂ ସତ୍‌ପଥରେ ରହିଲେ କ'ଣ ଲାଭ ମିଳେ ଏକଥା ଜାଣିଲେ ହିଁ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ ଏଇ କାରଣରୁ ହିଁ ସ୍କୁଲ୍‌ରେ ପ୍ରାର୍ଥନା ବୋଲାଯିବାର ନିୟମ କରାଯାଇଥିଲା । ଠିକ୍ ସେଇଭଳି ପିଲାଙ୍କ ପାଠ୍ୟକ୍ରମରେ ଯଦି ଦୁର୍ନୀତିର କୁପ୍ରଭାବ କିଭଳି ସମାଜ ଉପରେ ପଡୁଛି ଏବଂ ଆମ ଦେଶ ଆଜିଯାଏଁ ସେଇ କାରଣରୁ ଦୁର୍ନୀତିଗ୍ରସ୍ତ ତାଲିକାରୁ ଓହରିଆସିପାରୁ ନାହିଁ– ଏକଥା ପିଲାଏ ଜାଣିବା ଉଚିତ୍ । ଜାଣିଲେ ସେମାନେ ପିଲାଟି ଦିନରୁ ସଚେତନ ହେବେ ଏବଂ ଆଗକୁ ଏକ ଭଲ ସମାଜ ମିଳିପାରିବ ସେମାନଙ୍କୁ ।

ପ୍ରତିଦିନ ଦୁର୍ନୀତି ଜାଲରେ ପଡୁଥିବା ସରକାରୀ ବାବୁମାନଙ୍କ ଭିତରେ ଯେ ଯୁବ ଅଧିକାରୀଙ୍କ ସଂଖ୍ୟା ଅଧିକ ଏହାକୁ ଏଡାଇ ଦେଇହେବ ନାହିଁ । ଯୁବକମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହେଉଛନ୍ତି । ଏମାନେ ସ୍କୁଲ୍‌ରେ ପଢ଼ିବା ବେଳେ ଦୁର୍ନୀତି ସମ୍ପର୍କିତ କୌଣସି ପାଠ୍ୟକ୍ରମ ଥିଲା କି? ନଥିଲା । ତେଣୁ ଏ ନୂଆ ବିଷୟଟିକୁ ପରୀକ୍ଷାମୂଳକ ଭାବରେ ଯୋଡ଼ାଗଲେ କ୍ଷତି କ'ଣ? ଦେଖାଯାଉ ଏହାର ପ୍ରଭାବ କ'ଣ ପଡୁଛି? ଶିକ୍ଷା ଉପରେ ତ ନୂଆ ନୂଆ ଗବେଷଣା ଚାଲିଛି ।

ଏତେ କଥା କହିବାର ଅସଲ ଉଦ୍ଦେଶ୍ୟଟି ହେଲା ବିଦ୍ୟାଳୟସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି । ସେ କହିଛନ୍ତି– ୨୦୨୬–୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଉପରେ ଆଧାରିତ ହେବ । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା– କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି । ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ୍ୟ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ!

# ଦେଶକୁ ଝଟକା ରଣଛାଡ଼ ନୀତି



### ମୂଲ୍ୟବୋଧ

ଅରବିନ୍ଦ ରାଉତରାୟ

ଦେଶବାସୀଙ୍କ ପାଇଁ ଭଲ ଦିନ ଆଣିବାକୁ ଭାରତୀୟ ଅର୍ଥନୀତି ବିଗତ ଏକ ଦଶନ୍ଧି ଧରି ଆଚରଣ ଓ ଉଚ୍ଚାରଣରେ ପ୍ରୟାସ ଜାରି ରଖିଛ । ବୃହତ ଶିଳ୍ପ ସଂସ୍ଥାକୁ ବିପୁଳ ଋଣ ଛାଡ଼ ଭଳି ଅଭିନବ ନିଷ୍ପତ୍ତି ବ୍ୟାଙ୍କ ଶିଳ୍ପରେ ସୁଧାର ଆଣିବା ପରିବର୍ତ୍ତେ ବିକାଶ ପଥରେ ଗତିରୋଧ କରୁଛି । କୃଷି ଶିଳ୍ପର ମେରୁଦଣ୍ଡ ଚାଷୀ ଋଣଛାଡ଼ ପାଇଁ ଯେତେ ଚିତ୍କାର କଲେ ବି କାଁ–ଭାଁ ବିରୋଧୀ ରାଜ୍ୟମାନଙ୍କ କାନରେ ପଡୁଛି ସିନା, ସରକାର କିନ୍ତୁ ନିଜ ନିଷ୍ପତ୍ତିରେ ନଛୋଡବନ୍ଧା । ଚାଷୀଙ୍କୁ ମାଗଣା ଆର୍ଥିକ ସମ୍ମାନ ଦେଇ ଅର୍ଥନୀତିକୁ ଯେତେ ସଜାଡିବାକୁ ପ୍ରୟାସ କଲେ ସୁଦ୍ଧା ତାହା ଅଧିକ ଅସଜଡା ପଥରେ ଗତି କରୁଛି । ଏକଦା ଘରୋଇ ମାଲିକାନାର ମୁକ୍ତି ଦେଇ ଯେଉଁ ଦେଶ ଜାତୀୟକରଣ ବ୍ୟାଙ୍କ ସଂଖ୍ୟା କୋଡ଼ିରେ ପହଞ୍ଚାଇଥିଲା, ଏବେ ସେସବୁର ହିସାବ ନିକାଶ ଓଲଟା–ପାଲଟା ହୋଇଯାଇଛି । ବ୍ୟାଙ୍କ ଶିଳ୍ପରେ କ୍ଷତି କମାଇବାକୁ ଦ୍ୱାହି ଦେଇ ସରକାରୀ ବ୍ୟାଙ୍କ ସଂଖ୍ୟାକୁ ବାରରେ ପହଞ୍ଚାଇ ଥିବା ବର୍ତ୍ତମାନର କେନ୍ଦ୍ରସରକାର ବୃହତ ଶିଳ୍ପପତିଙ୍କୁ ଋଣ ଛାଡ଼ କରିବାରେ ଏକପ୍ରକାର ଧୁରନ୍ଧର ହୋଇଯାଇଛନ୍ତି । ଅନ୍ୟପକ୍ଷରେ ନିରୀହ ଚାଷୀ ଉପେକ୍ଷିତ ବିଗତ ଦଶବର୍ଷର 'ସୁଶାସନ'ରେ ଚଉଦ ଲକ୍ଷ କୋଟିଙ୍କୁ ଅଧିକ ଅନାଦେୟ ପୁଞ୍ଜି (ରାଇଟ୍ ଅଫ୍) ଛାଡ଼ କରିସାରିଲେଣି । ନିକଟ ଭବିଷ୍ୟତରେ ଏହି ଶିଳ୍ପରେ ଆର୍ଥିକଶୃଙ୍ଖଳା ଆଣିବା ଆଳରେ ସରକାର ଆଉ ପାଦେ ଆଗକୁ ବଢିବାର ସମ୍ଭାବନା ରହିଛି । ସେହି ପରିକଳ୍ପିତ ଯୋଜନା ଫଳପ୍ରଦ ହୋଇଗଲେ, ବ୍ୟାଙ୍କ ଶିଳ୍ପର ପ୍ରାୟ ପଚିଶ ଲକ୍ଷ କୋଟିଟଙ୍କା ଅକାମୀ ଅବସ୍ଥାକୁ ଚାଲିଯିବ।

'ଲୋକ ପ୍ରିୟ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରାରମ୍ଭରୁ ୨୦୨୩–୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ବ୍ୟାଙ୍କ ଶିଳ୍ପ ବାରଲକ୍ଷ ହଜାର କୋଟି ଟଙ୍କାର ଋଣଛାଡ଼ କରିଛି । ସେଥିମଧ୍ୟରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଋଣଛାଡ଼ ସର୍ବାଧିକ ସ୍ତରରେ ରହିଛି । ବୁକ୍ ଅଫ୍ ଆକାଉଣ୍ଟସରୁ ଅନାଦେୟ ଘୋଷିତ ଋଣଛାଡ଼ ଓ ଅନାଦେୟ ଋଣ ପରିମାଣ ହ୍ରାସ କରି ବାର୍ଷିକ ଆୟବ୍ୟୟ ହିସାବରେ ଶୃଙ୍ଖଳା ଅଣାଯିବାର ପ୍ରୟାସ ସ୍ପଷ୍ଟ ବାରି ହୋଇପଡୁଛି । ଏହି ଅଣ–ଅର୍ଥନୈତିକ ପ୍ରୟାସ ଅନାଦେୟ ପୁଞ୍ଜି ପରିମାଣକୁ କୃତ୍ରିମ ଉପାୟରେ କମାଇଦେଲା ସିନା ବ୍ୟାଙ୍କ ଶିଳ୍ପରେ ବିନିଯୁକ୍ତ ପୁଞ୍ଜିର କାୟାକୁ ସଂକୁଚିତ କରିଦେଲା । ସାଧାରଣ ଜମିକାରୀଙ୍କ ପୁଞ୍ଜିରୁ ଆୟ ଲାଭାଂଶ ସିଧାସଳଖ ସରକାରୀ ତହବିଲକୁ ଯାଇଥାଏ ଓ ତାହା ବିକାଶମୂଳକ ଯୋଜନାରେ ବିନିଯୁକ୍ତ ହୋଇଥାଏ । ସେହି ବିନିଯୁକ୍ତ ପୁଞ୍ଜିର ସୁଫଳ ବା ଉପଯୋଗିତା ଉପଲବ୍ଧ ହୋଇଥାଏ ଦେଶବାସୀଙ୍କୁ । ତାହା ଖାଦ୍ୟ ସୁରକ୍ଷା ମାଧ୍ୟମରେ ପେଟକୁ ଦୁଇମୁଠା ଖାଇବାକୁ ପାଉନଥିବା ଅତିଗରିବ ଲୋକଙ୍କୁ ହେଉ ବା ଭିତ୍ତିଭୂମି ବିକାଶ ମାଧ୍ୟମରେ ସାଧାରଣ ଜନତାଙ୍କୁ ହେଉ । ମାତ୍ର ଅନାଦେୟ ପୁଞ୍ଜିର ପୁନର୍ବିନିଯୋଗ ସମ୍ଭାବନା ଏହି ପ୍ରକ୍ରିୟାରେ ନିରର୍ଥକ ହୋଇଯିବାରୁ ସେସବୁ କଲ୍ୟାଣମୂଳକ ଯୋଜନାରେ ସାଧାରଣ ଜନତା ଭାଗୀଦାର ହେବାରୁ ବଞ୍ଚିତ ହେବା କିଛି ନୂଆକଥା ନୁହେଁ । ତେବେ ଏହି ପ୍ରକ୍ରିୟା ଲଗାତାର ଜାରି ରହିବାରୁ ବ୍ୟାଙ୍କ ହାତରେ ନଗଦ ପୁଞ୍ଜି କମିବା ସହିତ ଋଣ ମଞ୍ଜୁରୀ ଅନୁପାତ ବଢିବା ସ୍ୱାଭାବିକ । ସମୟ ଏପରି ଆସିବା କିଛି ଅସମ୍ଭବ ନୁହେଁ ଯେ ଜମାକାରୀଙ୍କୁ ମୋଟା ଅଙ୍କ ଅର୍ଥ ଉଠାଇବା ଲାଗି ସଂପୃକ୍ତ ବ୍ୟାଙ୍କ ଅଧିକ ସମୟ ପାଇଁ ଅନୁରୋଧ କରିବାକୁ ବାଧ ହେବ । ଏସବୁ ନକରାତ୍ମକ ସ୍ଥିତି ବିକାଶ ପ୍ରକ୍ରିୟାରେ ଗତିରୋଧକ ହେବା ସହିତ ଭଲ ଦିନ ଆଣିବାରେ ସମର୍ଥ ହେବ ବା କିପରି?

ତେବେ କେନ୍ଦ୍ରୀୟ ବ୍ୟାଙ୍କ ହେଉ ବା କେନ୍ଦ୍ର ସରକାର ଏହି ପରିସ୍ଥିତିର ସମ୍ମୁଖୀନ ହେବା ଅର୍ଥନୀତି ପାଇଁ ଶୁଭସୂଚକ ହୋଇନପାରେ । ଏଣେ ଦେଶର ବାଣିଜ୍ୟିକ ନିଅଣ୍ଟ ଏପରି ଉପରମୁହାଁ ହୋଇଚାଲିଛି ଯେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଛୟାଅଶୀ ଟଙ୍କାକୁ ଟପି ଗଲାଣି । ଆମେ ଯଦି ବିଗତ ଦଶବର୍ଷର ହିସାବ ଦେଖିବା ବିଶେଷକଙ୍କ ମୁଣ୍ଡବ୍ୟଥା ହେବାରେ କିଛି ନୂତନତ୍ୱ ନାହିଁ । ୨୦୧୪ ରେ ମୋଦି ସରକାର ଶାସନଭାର ଗ୍ରହଣ କରିବା ବେଳେ ମୁଦ୍ରାର ବିନିମୟ ମୂଲ୍ୟ ଏକଷଠି ଟଙ୍କା ଥିଲା ।

ଦଶବର୍ଷ ମଧ୍ୟରେ ମୁଦ୍ରାର ଦୁର୍ବଳତା ମୂଲ୍ୟ ପଚିଶ ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ସେତେବେଳର ସମୂହ ଦୁର୍ବଳତାର ଏକତୃତୀୟାଂଶରୁ ଅଧିକ ହୋଇଛି କେବଳ ବିଗତ ଦଶବର୍ଷ ମଧ୍ୟରେ । ଏହାର ଅର୍ଥନୈତିକ କାରଣ ବହୁବିଧ ହେଲେ ସୁଦ୍ଧା ଆମଦାନି ବାଣିଜ୍ୟର ଅହେତୁକ ବୃଦ୍ଧି ଓ ରପ୍ତାନୀ ବାଣିଜ୍ୟର ଆଶାତୀତ ନିମ୍ନଗତି ପ୍ରମୁଖ କାରଣ ହୋଇପାରେ । ଗତ ବର୍ଷକ ମଧ୍ୟରେ ସୁନା ଆମଦାନି ଗତବର୍ଷ ତୁଳନାରେ ଚାରିପାଞ୍ଚ ଗୁଣ ବଢିଯିବାରୁ କେନ୍ଦ୍ରୀୟ ବ୍ୟାଙ୍କ ହାତରୁ ବୈଦେଶିକ ବିନିମୟ ମୁଦ୍ରା କାୟା ସଂକୁଚିତ ହେବାରେ ଲାଗିଛି । ଏ କ୍ଷେତ୍ରରେ ସୁଧାର ଆଣିବାକୁ ହେଲେ ରପ୍ତାନୀ ବାଣିଜ୍ୟ ବୃଦ୍ଧି ଓ ପ୍ରତ୍ୟକ୍ଷ ବୈଦେଶିକ ମୁଦ୍ରା ବିନିଯୋଗ ପରିମାଣ ଆଶାତୀତ ବଢ଼ାଇବାକୁ ସରକାର ବାଧ୍ୟ । ହେଲେ ସାଂପ୍ରତିକ ଅର୍ଥନୈତିକ ପରିବେଶରେ ଏହି ସଫଳତା ତ୍ୱରିତ ଉପଲବ୍ଧ ହେବା ଏତେ ସହଜ ସାପେକ୍ଷ ନୁହେଁ । ଯେଉଁ ଦେଶ ସମଗ୍ର ଲୋକ ସଂଖ୍ୟାର ପଞ୍ଚାବନ ଶତାଂଶ ଲୋକଙ୍କ ଭୋକିଲା ପେଟକୁ ଦୁଇମୁଠା ଦାନା ଦେବାଲାଗି ମାଗଣା ରାସନ ବାଣ୍ଟି ଓ ସେ ବାବଦ ବିପୁଳ ଅର୍ଥ ବିକାଶ ମାର୍ଗରୁ ବିଚ୍ୟୁତ ହେଉଛି, ସେଠାରେ ଭିତ୍ତିଭୂମିର ବିକାଶ ଘଟିବ ବା କିପରି । ପ୍ରତ୍ୟକ୍ଷ ବିଦେଶୀ ପୁଂଜି ବିନିଯୋଗକାରୀଙ୍କୁ ଆକୃଷ୍ଟ କରିବାକୁ ହେଲେ କେବଳ ପ୍ରଚଳିତ ସରକାରୀ ବିଧି ବ୍ୟବସ୍ଥାକୁ କୋହଳ କରି ଦେଲେ ହେବ ନାହିଁ, ଭିତ୍ତିଭୂମିର ଅନୁପାତିକ ବିକାଶ ଜରୁରୀ ।

ବ୍ୟାଙ୍କ ଶିଳ୍ପରେ ପ୍ରତିକୂଳ ଅର୍ଥନୈତିକ ଅବସ୍ଥାର ପ୍ରଭାବ ସମ୍ପର୍କରେ ଆଉ ଏକ ଦିଗ ପ୍ରତି ତର୍ଜମା କରାଯାଇପାରେ । ବ୍ୟାଙ୍କ ହାତରେ ନଗଦରାଶି ହ୍ରାସର ପ୍ରତ୍ୟକ୍ଷ ସଂପର୍କ ରହିଛି ଜମାକାରୀଙ୍କ ସଂଚୟ ଅଭ୍ୟାସ ଉପରେ । ସ୍ୱଳ୍ପକାଳୀନ ଜମା ହେଉବା ମିଆଦ ଜମା ହେଉ, ତାହା ପୁଣି ନିର୍ଭରଶୀଳ ଲୋକଙ୍କ ହାତରେ ଟିକସ ପରବର୍ତ୍ତୀ ଆୟ ବୃଦ୍ଧି ଉପରେ । ଏହି ଆୟ ଯେ କେବଳ ସଞ୍ଚୟ ଅଭ୍ୟାସ ବା ଜମାଖାତାର କାୟା ବୃଦ୍ଧି କରିବ ତାହା ନୁହେଁ, ଆୟକାରୀଙ୍କ କ୍ରୟ ଶକ୍ତି ବୃଦ୍ଧି ଘଟାଇବାରେ ସହାୟକ ହେବ । ବଜାରରେ ସାମଗ୍ରୀର ଚାହିଦା ବଢିଲେ ଯୋଗାଣ ବୃଦ୍ଧି ପାଇଁ ପରିବେଶ ସୃଷ୍ଟି ହେବ । ପରବର୍ତ୍ତୀ ପର୍ଯ୍ୟାୟରେ ଶିଳ୍ପ ଉତ୍ପାଦନ ବୃଦ୍ଧି ରୂପ ନେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା ବଢ଼ିଯିବ । ଏହି ପ୍ରକ୍ରିୟାରେ ସାମଗ୍ରୀକ ଜାତୀୟ ଉତ୍ପାଦନ ବା ଜିଡିପି ବଢିବା ସ୍ୱାଭାବିକ । ସମଗ୍ର ବିଶ୍ୱରେ ଜିଡିପି ମାପକାଠିରେ ପଞ୍ଚମ ସ୍ଥାନରେ ଥିବା ବିକାଶଶୀଳ ରାଷ୍ଟ୍ର ଭାରତ ଆଗାମୀ ଦିନରେ ଜାପାନ ଓ ପରବର୍ତ୍ତୀ ସମୟରେ ତୃତୀୟ ସ୍ଥାନରେ ପହଞ୍ଚିବା ଆଶାକୁ ଚରିତାର୍ଥ, କରିବା ସହଜ ହୋଇଯିବ । କେବଳ ସେତିକି ନୁହେଁ ଅନୁକୂଳ ଅର୍ଥନୈତିକ ପରିବେଶରେ ୨୦୪୭ ବେଳକୁ ଦେଶର ଜିଡିପି ତିରିଶ ଟ୍ରିଲିୟନରେ ପହଞ୍ଚିବାର ସ୍ୱପ୍ନ ସାକାର ହୋଇପାରିବ! ଏସବୁ ଆଶା ଆକାଂକ୍ଷା ଦେଶ ଓ ଅର୍ଥନୀତି ପାଇଁ ସକରାତ୍ମକ ହୋଇପାରେ । ମାତ୍ର ବାସ୍ତବ କ୍ଷେତ୍ର ସଂପୂର୍ଣ୍ଣ ଭିନ୍ନ ଓ ପ୍ରକାରନ୍ତରେ ପ୍ରତିକୂଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପରିଚାଳନା ମୁଖ୍ୟ ଅଶୋକ ଚନ୍ଦ୍ରାଙ୍କ ମତରେ ଭାରତକୁ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବାକୁ ହେଲେ ଜିଡିପି ଅଭିବୃଦ୍ଧି ହାର ସାଢ଼େ ଛଅରୁ ସାତ ପ୍ରତିଶତ ଲଗାତାର ହେବା ଜରୁରୀ । ସେଥିସହିତ ଋଣ ଓ ଜିଡିପି ଅନୁପାତ ଶତ ପ୍ରତିଶତରେ ରହିବା ସଂପୂର୍ଣ୍ଣ ଆବଶ୍ୟକ । ଇଣ୍ଡିଆନ ବ୍ୟାଙ୍କ ଆସୋସିଏସନର ଏକ ସମ୍ମିଳନୀରେ ଯୋଗ ଦେଇ ସେ ଏହା କରିଥିଲେ । ଦେଶର ଜିଡିପିକୁ ୩୦ ଟ୍ରିଲିଅନରେ ପହଞ୍ଚିବା ଯୋଜନା ମୁଖ୍ୟତଃ ଦୁଇଟି ଦିଗ ଉପରେ ନିର୍ଭରଶୀଳ । ତାହା ହେଲା ଋଣ ଓ ଜିଡିପି ଏବଂ ବ୍ୟାଙ୍କ ସମ୍ପତ୍ତି ଓ ଜିଡିପି ଅନୁପାତ । ମାତ୍ର ଦେଶର ଋଣ ଓ ଜିଡିପି ଅନୁପାତ ମାତ୍ର ପଞ୍ଚାବନ ପ୍ରତିଶତ ସ୍ତରରେ ରହିଛି, ଫଳରେ ସାମଗ୍ରିକ ଜାତୀୟ ଉତ୍ପାଦନ ସ୍ଥିତି ମାତ୍ର ୩ ଦଶମିକ ୪ ଟ୍ରିଲିଅନ ଓ ଦେଶକୁ ବିଶ୍ୱରେ ପଞ୍ଚମ ସ୍ଥାନ ମିଳିଛି । ଆଉ ସାଢ଼େ ଛବିଶ ଟ୍ରିଲିଅନ ଜିଡିପି ବୃଦ୍ଧି ପାଇଁ ଅର୍ଥନୈତିକ ସ୍ଥିତିରେ ବୈପ୍ଲବିକ ପରିବର୍ତ୍ତନର ଆବଶ୍ୟକତା ରହିଛି । ମାତ୍ର ଏହି ପରିବର୍ତ୍ତନ କେବଳ ବାକ୍ୟରେ ନ ହୋଇ ବାସ୍ତବ ରୂପ ନେବା କେତେ କଷ୍ଟସାଧ୍ୟ ତାହା ନୀତିନିର୍ଦ୍ଧାରକଙ୍କୁ ବେଶ୍ ଜଣା । କାରଣ ବିଗତ ଚଉଦମାସ ମଧ୍ୟରେ ଦେଶର ବ୍ୟାବସାୟିକ ଅଭିବୃଦ୍ଧି ନିମ୍ନମୁଖୀ ହୋଇଥିବା ବେଳେ ଜାନୁଆରୀ ମାସ ସୁଦ୍ଧା ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା । କେବଳ ଯେ ସରକାରୀ ବ୍ୟାଙ୍କ ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକିଦେଲେ, ଦେଶରେ ବୈପ୍ଳବିକ ଅର୍ଥନୈତିକ ପ୍ରଗତି ସମ୍ଭବ ହୋଇଯିବ, ତାହା ଭାବିବା ଠିକ୍ ନୁହେଁ । ଏଥିପାଇଁ ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ । ସେହି ପରିବର୍ତ୍ତନ ପ୍ରକ୍ରିୟାରେ ରାଜନୈତିକ ହିତ ପରିବର୍ତ୍ତେ ରାଷ୍ଟ୍ରହିତ ବାରି ହୋଇପଡିବାରେ କୌଣସି ବାଧା ବନ୍ଧନ ନରହିବା ଅତ୍ୟନ୍ତ ଆବଶ୍ୟକ । ଠିକଣା ହାତରେ ଠିକଣା କାର୍ଯ୍ୟ ରହିଲେ ତାହା ଉତ୍ପାଦନଭିତ୍ତିକ ହେବା ସହଜ । କେନ୍ଦ୍ରୀୟ ବ୍ୟାଙ୍କ ଏହାର ବଳିଷ୍ଠ ଉଦାହରଣ ହୋଇପାରେ । ଏହି ବ୍ୟାଙ୍କର ପରିଚାଳନା ଦାୟିତ୍ୱ ଜଣେ ଦକ୍ଷ ଅର୍ଥନୀତିଜ୍ଞଙ୍କ ଉପରେ ନିର୍ଭରଶୀଳ । ଦେଶର ସମଗ୍ର ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ରିଜର୍ଭ ବ୍ୟାଙ୍କର ପରିଚାଳନାଭାର ଜଣେ ଦକ୍ଷ ପ୍ରଶାସକଙ୍କ ହାତରେ ଛାଡିଲେ ଓ ଏହି ପ୍ରକ୍ରିୟା ବାରମ୍ବାର ପୁନରାବୃତ୍ତି ହେଲେ ଦେଶ ତା ବାଟରେ ତ ଅର୍ଥନୀତି ଅନ୍ୟ ବାଟରେ ରହିବା ଭିନ୍ନ କଥା ନୁହେଁ । ଫଳରେ ସମୟ ସମୟରେ ଦେଶ ଓ ଅର୍ଥନୀତି ଝଟକା ଖାଇବ ସିନା ବିକଶିତ ମାନ୍ୟତା ଦିବ୍ୟସ୍ୱପ୍ନ ପାଲଟି ନ ଯିବ ବା କେମିତି?

ବରିଷ୍ଠ ସାମ୍ବାଦିକ, କଟକ
ମୋ– ୯୪୩୭୧୩୪୪୦୦

# ତ୍ରିବେଣୀ ଅମାବାସ୍ୟା ଓ ଦେବୀ ବିରଜାଙ୍କ ଜୟନ୍ତୀ

■ ବିକ୍ରମ କେଶରୀ ବିଶ୍ୱାଳ ■

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମକରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ । ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା' ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ । ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା' ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ।

ମାଘ ମାସର ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା ବା ମୌନୀ ଅମାବାସ୍ୟା କୁହାଯାଏ। ଏହି ଦିନରେ କୁମ୍ଭମେଳାର ପବିତ୍ର ସ୍ଥାନରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନେ ଅଧିକ ପସନ୍ଦ କରିଥାନ୍ତି। ଏହି ଦିନରେ ତ୍ରିବେଣୀ ସଙ୍ଗମରେ ସ୍ନାନ ପୂର୍ବକ ମୌନବ୍ରତ ପାଳନ କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିକୁ ଗମନ କରିଥାନ୍ତି। ଶନି ହେଉଛନ୍ତି ମକରର ସ୍ୱାମୀ ବା ପ୍ରଭୁ ଏବଂ ଚନ୍ଦ୍ରଙ୍କ ବିରୋଧୀ। ମକରରେ ସୂର୍ଯ୍ୟଙ୍କ ଅବସ୍ଥାନ ଦ୍ୱାରା ଶନିଙ୍କ ପ୍ରଭାବ ବୃଦ୍ଧି ପାଇଥାଏ। ଫଳରେ ଚନ୍ଦ୍ର ଦୁର୍ବଳ ହୋଇଥାନ୍ତି। ଚନ୍ଦ୍ରଙ୍କ ଦ୍ୱାରା ଆମର ମନ ଓ ଭାବ ନିୟନ୍ତ୍ରଣ ହେଉଥିବାରୁ ମୌନୀ



ଅମାବାସ୍ୟା ଦିନ କଥା କହିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ଅପେକ୍ଷାକୃତ ଦୁର୍ବଳ ହୋଇଥାଏ। ତେଣୁ ମୌନୀ ଅମାବାସ୍ୟାରେ ମୌନ ବ୍ରତ ଅବଲମ୍ବନ କରିବା ଭଲ। ମାଘ ସ୍ନାନ ଦ୍ୱାରା ପୂଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରହିଛି । ମୌନୀ ଅମାବାସ୍ୟାରେ ତୀର୍ଥସ୍ଥଳରେ ବୁଡ଼, ଉପବାସ ପାଳନ ଓ ବିଷ୍ଣୁଙ୍କ ପୂଜା ଦ୍ୱାରା ମହାପୂଣ୍ୟ ଲାଭ ହୋଇଥାଏ। ଏହି ଦିନ ଅଶ୍ୱତ୍‌ଥ ବୃକ୍ଷ ପ୍ରଦକ୍ଷୀଣ କରିବାର ମଧ୍ୟ ବିଧି ରହିଛି। ମକର ମାସ ସାରା ପ୍ରୟାଗର ସଙ୍ଗମସ୍ଥଳରେ ହିନ୍ଦୁଭକ୍ତ ଓ ଶ୍ରଦ୍ଧାଳୁମାନେ ସ୍ନାନ, ଦାନ ଓ ପୂଜାର୍ଚ୍ଚନା ବା କଳ୍ପବାସ କରି ମୌନୀ ଅମାବାସ୍ୟାକୁ ଅପେକ୍ଷା କରି ରହିଥାନ୍ତି। ମାସବ୍ୟାପୀ କେତେକ ସାଧୁସନ୍ଥ ଜଳପାନ କରନ୍ତି ଏବଂ ଆଉ କେତେ ଦିନକୁ ଥରେ ହବିଷ ପାଳନ କରନ୍ତି। ଏକଥା ମଧ୍ୟ କୁହାଯାଏ, ସୃଷ୍ଟିର ଆରମ୍ଭରେ ସବୁ ଶାନ୍ତ, ନିରବ ଥିଲା। ତାପରେ ଶବ୍ଦ ସୃଷ୍ଟି ହେଲା ଏବଂ ଏହି ଶବ୍ଦ ଥିଲା ଓଁ ବା ବ୍ରହ୍ମନାଦ। ପ୍ରତ୍ୟେକ ଶବ୍ଦରେ ଶକ୍ତି ରହିଛି। ଏହି ଶକ୍ତି ହିଁ ଚତୁଃପାର୍ଶ୍ୱର ସ୍ଥିତିକୁ ପରିବର୍ତ୍ତନ କରିପାରେ। ମୌନୀ ଅମାବାସ୍ୟାରେ ମୌନ ରହିଲେ ଶରୀରରେ ପ୍ରାଣ ସଞ୍ଚରିତ ହୋଇ ରହେ। ଏହା ଶକ୍ତି ସାମର୍ଥ୍ୟ ପ୍ରଦାନ କରିଥାଏ। ମୌନୀ ଅମାବାସ୍ୟାକୁ ବିରଜା ଅମାବାସ୍ୟା ମଧ୍ୟ କୁହାଯାଏ ।

ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ । ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ । ପବିତ୍ର ତ୍ରିବେଣୀ ସଙ୍ଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ । ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି । ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି । ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବ୍ରତ ଧାରଣ କରନ୍ତି । ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ । ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ । ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ । ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାନଳ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ ।

*ଯାଜପୁର ରୋଡ଼, ଯାଜପୁର,*
*ମୋ. : ୯୯୩୮୫୩୬୦୭୬*

# ଦୁର୍ନୀତି ମୁକ୍ତ ବିଶ୍ୱର ପରିକଳ୍ପନା

■ ହିମାଂଶୁ ଶେଖର ଆଚାର୍ଯ୍ୟ ■

ଦୁର୍ନୀତି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ । କ୍ଷୋଭର କଥା ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବ । ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି। ସେହିପରି ଶ୍ରେଷ୍ଠ ପାଞ୍ଚଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି। ଏସବୁ ଦୃଷ୍ଟିରୁ ଦେଖିଲେ ୨୦୨୩ ରିପୋର୍ଟ ସୂଚକାଙ୍କ ଅନୁଯାୟୀ ୧୮୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୩ ଥିଲା ଏବେ ପୁଣି ୩ଟି ସ୍ଥାନ ତଳକୁ ଖସି ୯୬ରେ ପହଞ୍ଚିଛି । ପ୍ରାୟ ଅଧିକାଂଶ ମଣିଷ ଦୁର୍ନୀତିର ଶିକାର ହୋଇଚାଲିଛନ୍ତି । ସରକାରଙ୍କ କଲ୍ୟାଣକାରୀ ଯୋଜନା ଜନତାଙ୍କ ପାଖରେ ବିନା ଦୁର୍ନୀତିରେ ପହଞ୍ଚି ପାରୁନାହିଁ । ଆମ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଜାରିରହିଛି । ଏଥିରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଦୁର୍ନୀତି ନିବାରଣ ପାଇଁ ସରକାରୀ ଅଧିକାରୀମାନଙ୍କୁ ଶପଥପାଠ କରାଇଛନ୍ତି । ଏପରିକି ଚେତାବନୀ ମଧ୍ୟ ଦେଇଛନ୍ତି । ଦୁର୍ନୀତି କଥା ପଡିଲେ ଆମ ରାଜ୍ୟକଥା ଯାହା, ଦେଶ ଓ ସାରାବିଶ୍ୱରେ ମଧ୍ୟ ଅବସ୍ଥା ମଧ୍ୟ ଠିକ୍ ସେଇଆ । ତେବେ ଏଠାରେ ପ୍ରଶ୍ନ ଉଠୁଛି ସତରେ କଣ ଦୁର୍ନୀତି ହଟିବ ?

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି । ବିଶେଷ କରି ଦୁର୍ନୀତି ବିରୋଧୀ ଲଢେଇରେ ଆଇନ ଓ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ନୈତିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଜରୁରୀ । ଶିକ୍ଷା ଏକ ପ୍ରମୁଖ ବିଷୟବସ୍ତୁ ହେବା ଆବଶ୍ୟକ । ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର ।

ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି । ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମଥର ଲାଞ୍ଚଦେଇଥାନ୍ତି। ଏବଂ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦ । ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲଛି। ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକଥିବା ବେଳେ ଦିଲ୍ଲୀ ଓ ଓଡିଶାରେ ଏହା କମ୍ ରହିଛି । ଏସବୁ ସତ୍ତ୍ୱେ ଆମ ଦେଶରେ ସ୍ୱାଧୀନତାର ପରବର୍ତ୍ତୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା । ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗୋଖାଦ୍ୟ, ୨୦୦୮ରେ ସେୟାର ବଜାର, ୨୦୧୦ରେ କମନଓ୍ୱେଲ୍‌ଥ ଗେମ୍, ୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରି ବ୍ୟାପମ୍ ଦୁର୍ନୀତି । ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ହଜାର କୋଟି ଟଙ୍କାକୁ ଟପିସାରିଲାଣି । ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି ।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲିକ୍ଷିତ ହୋଇଛି । ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି, ଲାଞ୍ଚ ଓ ଟିକସ ଫାଙ୍କିବା ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି । ଏଥି ସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି । ଏମାନେ ସାଧାରଣ ଜନତାଙ୍କ ପାଖରେ ଉତରଦାୟି ନରହିଲେ ଦୁର୍ନୀତିମାତ୍ରା ବଢି ବଢି ଚାଲିବ । ଦୁର୍ନୀତିକୁ ରୋକୁବା ପାଇଁ କଠୋର ଦଣ୍ଡ ବିଧାନର ଆବଶ୍ୟକତା ରହିଛି । ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା। ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୂଲ୍ୟବୋଧ ଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି । ଏହି କଥା ପ୍ରଥମେ ନିଜ ଘରୁ ଆରମ୍ଭ କରିବାକୁ ହେବ ସେହିପରି ପ୍ରଶାସନିକ ସ୍ତରରେ ମଧ୍ୟ ସବୁଠି ସ୍ୱଚ୍ଛତା ଅବଲମ୍ବନକରିବା ବିଧେୟ। କାରଣ 'ମହାଜନ ଜେନ ଗତସ୍ୟ ପନ୍ଥା' ନ୍ୟାୟରେ ବଡମାନେ ଯାହା କରିବେ ସାନମାନେ ତାହା ଅନୁକରଣ କରିବେ ।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା କଥା ବେଳର କଥା ବେଶ୍ ପ୍ରଣିଧାନଯୋଗ୍ୟ । ଗରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ । ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ । ପରେ ଗୁରୁଜୀ ତାଙ୍କୁ ପଚାରିବାରୁ ସେ ଉତ୍ତରରେ କପିକରିବା ବଡ ଅନ୍ୟାୟ ଓ କଭଳି ଏତେ ବଡ ଅନୀତି କରିଥାନ୍ତି ବୋଲି ଉତ୍ତର ଦେଇଥିଲେ । ପୁଣି ସେ ବିନମ୍ରତାର ସହ କହିଥିଲେ ଅସତ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ । ସେଇଥିପାଇଁତ ସେ ମହାତ୍ମା । ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ । ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ । ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବିନାହିଁ, ଏହିଭାବ ମନରେ ସୃଷ୍ଟି ହେବା ଦରକାର । ତାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ । ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ ।ଏଥିପାଇଁ ସାମୁହିକ ସଂକଳ୍ପ ଲୋଡା ।

ମୋ–୯୯୩୭୧୫୧୦୫୨

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ଜାନୁଆରୀ ୨୦୨୬ ରବିବାର ପୃଷ୍ଠା ୫


ସମ୍ରାଟ ହୁଆଙ୍ଗ୍ ଖୁବ୍ ଶକ୍ତିଶାଳୀ ଥିଲେ । ଅଖଣ୍ଡ ଚୀନ୍ ସ୍ଥାପନ କରିଥିଲେ । ତାଙ୍କ ନାମ କିନ୍‌ରୁ ଚୀନର ନାମକରଣ ହୋଇଥିଲା । ସବୁ ସତ୍ତ୍ୱେ ସେ ଖୁବ୍ ଅତ୍ୟାଚାରୀ ଥିଲେ । ସେ ନିଜ ପରାକ୍ରମ ପାଇଁ ଯେତିକି ଖ୍ୟାତ, ତାଠାରୁ ଅଧିକ କୁଖ୍ୟାତ ନିର୍ଦ୍ଦୟତା ପାଇଁ । ତାଙ୍କ ନିଷ୍ପତ୍ତିକୁ ଭୁଲ୍ ବୋଲି କହୁଥିବା କିମ୍ବା ଅସମ୍ମତି ପ୍ରକାଶ କରୁଥିବା ଜ୍ଞାନୀଗୁଣି ଏବଂ ବୀରମାନଙ୍କୁ ସେ ହତ୍ୟା କରୁଥିଲେ । ନିଜର କବରସ୍ଥାନ ନିର୍ମାଣ କରିଥିବା କାରିଗରମାନଙ୍କୁ ମଧ୍ୟ ସେ ହତ୍ୟା କରିଥିଲେ ବୋଲି ଲୋକବିଶ୍ୱାସ ରହିଛି । କାରଣ ସେ ଚାହୁଁଥିଲେ କବରସ୍ଥାନର ସ୍ଥିତି ଗୁପ୍ତ ରହୁ ଏବଂ ଏ ମଧ୍ୟରେ ଥିବା ବିଶାଳ ଭଣ୍ଡାର ମଧ୍ୟ ଗୁପ୍ତ ରହୁ । ଐତିହାସିକମାନେ ଟେରାକୋଟା ସେନା ଥିବା କୋଠରୀଗୁଡ଼ିକୁ ଖନନ ଦ୍ୱାରା ଆବିଷ୍କାର କରିଥିଲେ ମଧ୍ୟ ସମ୍ରାଟଙ୍କୁ କେଉଁଠାରେ କବର ଦିଆଯାଇଛି ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଐତିହାସିକମାନଙ୍କ ଅଧ୍ୟୟନରୁ ଜଣାପଡ଼ିଛି ସୈନିକମାନଙ୍କର ହାତ, ଗୋଡ଼, ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ, ପୋଷାକ ଆଦି ଛାଞ୍ଚରେ ପ୍ରସ୍ତୁତ ହୋଇଛି । ତେବେ ଚେହେରାଗୁଡ଼ିକ ଗୋଟିଏ ଗୋଟିଏ ହୋଇ ତିଆରି ହୋଇଛି ଶିଳ୍ପିଙ୍କ ଦ୍ୱାରା । ତେଣୁ ପ୍ରତିଟି ଟେରାକୋଟା ସୈନ୍ୟଙ୍କ ଚେହେରା ଅଲଗା ଅଲଗା ଯେମିତି । ବାସ୍ତବ ମଣିଷର ଥାଏ । ମାଟିରେ ତିଆରି ଏସବୁ ମୂର୍ତ୍ତିକୁ ଶକ୍ତ କରିବା ପାଇଁ ଭାଟିରେ ପୋଡ଼ାଯାଇଛି । ଶେଷରେ ଏଥିରେ ବିଭିନ୍ନ ଉଜ୍ଜ୍ୱଳ ରଙ୍ଗ ଦିଆଯାଇଥିଲା । ତେବେ ୨୦୦୦ ବର୍ଷର କ୍ଷପ ପରେ ଅଧିକାଂଶ ରଙ୍ଗ ନଷ୍ଟ ହୋଇଯାଇଛି । ଏହା ସାରା ବିଶ୍ୱର ବୃହତ୍ତମ ପତ୍ନତାତ୍ତ୍ୱିକ ଖନନ କ୍ଷେତ୍ର ଓ ବିଂଶ ଶତାବ୍ଦୀର ସବୁଠାରୁ ଆଶ୍ଚର୍ଯ୍ୟଜନକ ଖନନ ।





# ନିର୍ଜୀବ ସେନାବାହିନୀ

**ଅ**ଖଣ୍ଡ ଚୀନ୍‌ର ପ୍ରଥମ ସମ୍ରାଟ ଥିଲେ କିନ୍ ଶି ହୁଆଙ୍ଗ । ଖ୍ରୀଷ୍ଟପୂର୍ବ ୨୨୧ରେ ସେ ଚୀନ୍‌ର ବିଭିନ୍ନ ପ୍ରଦେଶକୁ ଏକତ୍ର କରି ନିଜ ସାମ୍ରାଜ୍ୟ ଅଧୀନକୁ ଆଣିଥିଲେ । ସମଗ୍ର ସାମ୍ରାଜ୍ୟରେ ସେ ସମାନ ମୁଦ୍ରା, ମାପ, ଓଜନ, ଲିପି ପ୍ରଚଳନ କରିଥିଲେ । ସାମ୍ରାଜ୍ୟ ସାରା କେନାଲ ଓ ରାସ୍ତାକୁ ସରଳରେଖାରେ ନିର୍ମାଣ କରାଇଥିଲେ । ସାମ୍ରାଜ୍ୟର ଉତ୍ତର ସୀମାକୁ ସୁରକ୍ଷିତ ରଖିବା ପାଇଁ ସେ ଚୀନ୍‌ର ବିଶାଳ ପ୍ରାଚୀର ନିର୍ମାଣ ଆରମ୍ଭ କରିଥିଲେ । ମାତ୍ର ୨୧ ବର୍ଷ ବୟସରେ ସେ ବିଶାଳ ଚୀନ୍ ସାମ୍ରାଜ୍ୟ ଗଠନ କରିଥିଲେ । ଭୀଷଣ ଉଚ୍ଚାଭିଳାଷୀ ଥିଲେ ସମ୍ରାଟ୍ ହୁଆଙ୍ଗ୍ । ଅମରତ୍ୱ ଚାହୁଁଥିଲେ । ସେଥିପାଇଁ ମଦରେ ମହୁ ଓ ପାରଦ ମିଶାଇ ପିଉଥିଲେ । ତାଙ୍କର ଧାରଣା ଥିଲା ପାରଦ ତାଙ୍କୁ ଅମରତ୍ୱ ଦେବ । ସେ ଶୁଣିଥିଲେ ଯୋଗୀ ଋଷିମାନେ ହଜାର ହଜାର ବର୍ଷ ବଞ୍ଚି ରୁହନ୍ତି । ତେଣୁ ଦୀର୍ଘ ଜୀବନ ନିମନ୍ତେ ଅଲୌକିକ ଖାଦ୍ୟର ରହସ୍ୟ ଆଣିବା ପାଇଁ ସେ ନିଜର ଜଣେ ମନ୍ତ୍ରୀଙ୍କୁ ବିଦେଶ ପଠାଇଥିଲେ । ସେ ଭାବୁଥିଲେ ଏ ଜନ୍ମରେ ମୁଁ ସମ୍ରାଟ । ମୋର ବିରାଟ ସେନା ଅଛି ସୁରକ୍ଷା ପାଇଁ । ପରଲୋକରେ ମତେ କିଏ ସୁରକ୍ଷା ଦେବ । ଏଥିପାଇଁ ସେ ପୋଡ଼ାମାଟି ବା ଟେରାକୋଟାର ସୈନ୍ୟ ବାହିନୀ ତିଆରି କରାଇଥିଲେ । ସେମାନଙ୍କୁ ଘୋଡା, ରଥ, ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରାଇଥିଲେ । ନିଜ କବରସ୍ଥାନ ପାଖରେ ଏମାନଙ୍କୁ ସୁସଜ୍ଜିତ କରି ରଖିଥିଲେ ।

ଆଧୁନିକ ଚୀନ୍ ଏ ସମ୍ପର୍କରେ ଏକଦମ୍ ଅଜ୍ଞାତ ଥିଲା । ୧୯୭୪ ମସିହାରେ ଆଧୁନିକ ଚୀନ୍‌ର ସାନକ୍ସି ପ୍ରଦେଶର କ୍ସିଆନ୍‌ଠାରେ କିଛି କୃଷକ ନିଜ ଫଳବଗିଚା ପାଇଁ କୂଅ ଖୋଳିବା ବେଳେ କୋଦାଳ ଓ ଗଇଁତି ବାଜିଥିଲା ଗୋଟିଏ ଟେରାକୋଟା ସୈନିକ ମୁଣ୍ଡରେ । ମୁଣ୍ଡ ଫାଟିଯାଇଥିଲା । କୃଷକମାନେ ଭାବିଲେ ଏହା ବୁଦ୍ଧଙ୍କ ମୂର୍ତ୍ତି । କିନ୍ତୁ କେଇ ସପ୍ତାହ ମଧ୍ୟରେ ଐତିହାସିକ ଓ ପତ୍ନତତ୍ତ୍ୱବିଦ୍‌ମାନେ ସେଠାରେ ଜମା ହୋଇଗଲେ । ଖୋଦେଇ ଚାଲିଲା । ଦେଖାଗଲା ମାଟି ତଳେ ଅଛି ବିଶାଳ ସୈନ୍ୟବାହିନୀ– ପ୍ରାୟ ୮ହଜାର ସୈନିକ, ୫୨୦ଟି ଅଶ୍ୱ ସଂଲଗ୍ନ ୧୩୦ଟି ରଥ, ୧୫୦ଟି ଯୁଦ୍ଧ ଅଶ୍ୱ । ଏସବୁ ପୋତି ହୋଇରହିଥିଲେ ସମ୍ରାଟ ହୁଆଙ୍ଗଙ୍କ କବରସ୍ଥାନ ନିକଟରେ ତିନୋଟି ଭୂତଳ କୋଠରୀ ମଧ୍ୟରେ । ସୈନ୍ୟମାନଙ୍କର ସାଜସଜ୍ଜା ଏପରି ଯେମିତି ସେମାନେ ଯୁଦ୍ଧ ପାଇଁ ସମରସଜ୍ଜା କରିଛନ୍ତି । ଆଗରେ ଦୃଢ଼ ଢାଲ କବଚ ପିନ୍ଧିଥିବା ବର୍ଚ୍ଛାଧାରୀ ସୈନିକ । ପଛରେ





ଖଡ଼ଗଧାରୀ ସୈନିକ, ଅଶ୍ୱାରୋହୀ ସୈନିକ ଓ ରଥାରୁଢ଼ା ସୈନିକ, ସାଧାରଣ ସୈନିକଙ୍କ ତୁଳନାରେ ବରିଷ୍ଠ ସେନାପତିଙ୍କ ସଂଖ୍ୟା କମ୍ ଯେମିତି ହୁଏ ସାଧାରଣ ସୈନ୍ୟ ବାହିନୀରେ । ଟେରାକୋଟା ସେନା ବାହିନୀର ସୈନ୍ୟମାନଙ୍କ ବେଶଭୁଷା, ପୋଷାକ, କେଶ ବିନ୍ୟାସ, ଜୋତା ଆଦି ପଦବୀ ଓ କାର୍ଯ୍ୟ ଅନୁଯାୟୀ ପ୍ରାୟ ସବୁ ମୂର୍ତ୍ତିର ମୁଖମଣ୍ଡଳ ଭିନ୍ନ ଭିନ୍ନ ଓ ଭାବ ମଧ୍ୟ ଭିନ୍ନ । ଅର୍ଥାତ୍ ଗୋଟିଏ ଛାଞ୍ଚରେ ନୁହେଁ ବରଂ ପ୍ରତିଟି ଚେହେରାକୁ ଅଲଗା ଅଲଗା ଭାବରେ ତିଆରି କରାଯାଇଛି ।

ଏହି ଟେରାକୋଟା ସେନାକୁ ଯେଉଁଠାରେ ଆବିଷ୍କାର କରାଯାଇଛି ତାହା ସମ୍ରାଟ କ୍ୱିନ ଶି ହୁଆଙ୍ଗଙ୍କ କବରସ୍ଥଳ ପାଖରେ ରହିଛି । ଏହି ସ୍ଥାନ ସମ୍ରାଟ ହୁଆଙ୍ଗଙ୍କ ରାଜଧାନୀ ନିକଟରେ ଥିଲା । ହୁଆଙ୍ଗ ରାଜଗାଦି ଆରୋହଣ କରିବା ପରେ ପରେ ହିଁ କବରସ୍ଥାନ ଓ ଟେରାକୋଟା ସେନା ପ୍ରସ୍ତୁତି ଆରମ୍ଭ ହୋଇଥିଲା । କାରଣ ସମ୍ରାଟ ଚାହୁଁଥିଲେ ସେ ଅମର ହେବେ । ଇହଲୋକରେ ଏହା ସମ୍ଭବ ନହେଲେ ସେ ପରଲୋକରେ ଅନାଦି ଅନନ୍ତ କାଳ ପର୍ଯ୍ୟନ୍ତ ରାଜତ୍ୱ କରିବେ । ଏହି ବିରାଟ ସେନା ସବୁବେଳେ ତାଙ୍କ ସହ ଥିବେ । ତେଣୁ ସେ ୭୦ହଜାର କୁଶଳୀ ଶ୍ରମିକଙ୍କ ଦ୍ୱାରା ଏହି କାମ ଆରମ୍ଭ କରିଥିଲେ । କବରସ୍ଥାନ ଭାବରେ ସେ ବାଛିଥିଲେ ଲି ପର୍ବତ ଅଞ୍ଚଳକୁ । ଏହି ଅଞ୍ଚଳ ସୁନା ଓ ମୂଲ୍ୟବାନ ପଥରମାନଙ୍କର ଗନ୍ତାଘର ।







ଏବେ ମଧ୍ୟ ସେସବୁ ନଦୀ ମାଟିରେ ପାରଦ ପରିମାଣ ଅତ୍ୟଧିକ ଥିବାର ପ୍ରମାଣ ମିଳିଛି । ପରବର୍ତ୍ତୀ ସମୟରେ ସମ୍ରାଟ ହୁଆଙ୍ଗ ମୃତ୍ୟୁ ପରେ ସମ୍ରାଟ ଗାଦି ପାଇଁ ଜଣେ ଆଶାୟୀ ଜିଆଙ୍ଗ ୟୁ ଏହି କବରଖାନାର ମୂଲ୍ୟବାନ ସମ୍ପତ୍ତି ଲୁଟ୍ କରି ନେଇଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ସମ୍ରାଟ ହୁଆଙ୍ଗ୍ ଖୁବ୍ ଶକ୍ତିଶାଳୀ ଥିଲେ । ଅଖଣ୍ଡ ଚୀନ୍ ସ୍ଥାପନ କରିଥିଲେ । ତାଙ୍କ ନାମ କିନ୍‌ରୁ ଚୀନର ନାମକରଣ ହୋଇଥିଲା । ସବୁ ସତ୍ତ୍ୱେ ସେ ଖୁବ୍ ଅତ୍ୟାଚାରୀ ଥିଲେ । ସେ ନିଜ ପରାକ୍ରମ ପାଇଁ ଯେତିକି ଖ୍ୟାତ, ତାଠାରୁ ଅଧିକ କୁଖ୍ୟାତ ନିର୍ଦ୍ଦୟତା ପାଇଁ । ତାଙ୍କ ନିଷ୍ପତ୍ତିକୁ ଭୁଲ୍ ବୋଲି କହୁଥିବା କିମ୍ବା ଅସମ୍ମତି ପ୍ରକାଶ କରୁଥିବା ଜ୍ଞାନୀଗୁଣି ଏବଂ ବୀରମାନଙ୍କୁ ସେ ହତ୍ୟା କରୁଥିଲେ । ନିଜର କବରସ୍ଥାନ ନିର୍ମାଣ କରିଥିବା କାରିଗରମାନଙ୍କୁ ମଧ୍ୟ ସେ ହତ୍ୟା କରିଥିଲେ ବୋଲି ଲୋକବିଶ୍ୱାସ ରହିଛି । କାରଣ ସେ ଚାହୁଁଥିଲେ କବରସ୍ଥାନର ସ୍ଥିତି ଗୁପ୍ତ ରହୁ ଏବଂ ଏ ମଧ୍ୟରେ ଥିବା ବିଶାଳ ଭଣ୍ଡାର ମଧ୍ୟ ଗୁପ୍ତ ରହୁ । ଐତିହାସିକମାନେ ଟେରାକୋଟା ସେନା ଥିବା କୋଠରୀଗୁଡ଼ିକୁ ଖନନ ଦ୍ୱାରା ଆବିଷ୍କାର କରିଥିଲେ ମଧ୍ୟ ସମ୍ରାଟଙ୍କୁ କେଉଁଠାରେ କବର ଦିଆଯାଇଛି ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଐତିହାସିକମାନଙ୍କ ଅଧ୍ୟୟନରୁ ଜଣାପଡ଼ିଛି ସୈନିକମାନଙ୍କର ହାତ, ଗୋଡ଼, ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ, ପୋଷାକ ଆଦି ଛାଞ୍ଚରେ ପ୍ରସ୍ତୁତ ହୋଇଛି । ତେବେ ଚେହେରାଗୁଡ଼ିକ ଗୋଟିଏ ଗୋଟିଏ ହୋଇ ତିଆରି ହୋଇଛି ଶିଳ୍ପିଙ୍କ ଦ୍ୱାରା । ତେଣୁ ପ୍ରତିଟି

ଦୂରରେ ଆଉ ଦୁଇଟି ଟେରାକୋଟା ସେନା କୋଠରୀ ଆବିଷ୍କୃତ ହୋଇଥିଲା । ଏହି ବିଶାଳ ସେବାବାହିନୀ ସାରା ବିଶ୍ୱ ବିଶେଷ କରି ଚୀନ୍ ପାଇଁ ଏକ ମୂଲ୍ୟବାନ ସମ୍ପଦ । ୧୯୮୭ ମସିହା ଡିସେମ୍ବର ମାସରେ ୟୁନେସ୍କୋ ସମ୍ରାଟ ହୁଆଙ୍ଗଙ୍କ କବର ଓ ଟେରାକୋଟା ସେନାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ସ୍ଥଳର ମାନ୍ୟତା ଦେଇଛି । ବର୍ତ୍ତମାନ ଏହା ଚୀନ୍‌ର ଅନ୍ୟତମ ମୁଖ୍ୟ ପର୍ଯ୍ୟଟକ ଆକର୍ଷଣ କେନ୍ଦ୍ର । ଏହାର ସେନା ବାହିନୀ, ସମରସଜ୍ଜା ଓ ବ୍ରୋଞ୍ଜ ରଥ ଆଦିକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସନ୍ତି ।

ପୁରାତନ ଚୀନ୍‌ର ଯୁଦ୍ଧ ଓ ସେନା ନିୟମ ଅନୁଯାୟୀ ଏହି ଟେରାକୋଟା ଭାବରେ ରଖାହୋଇଛି ଯଦ୍ଦ୍ୱାରା ଦେଖଣାହାରୀକୁ ଲାଗିବ ସୈନ୍ୟମାନେ ତା' ଆଡକୁ ଆଗେଇ ଆସୁଛନ୍ତି । ମୂର୍ତ୍ତିଗୁଡ଼ିକ ପୋଷାକ, କେଶବିନ୍ୟାସ, ଅସ୍ତ୍ରଶସ୍ତ୍ର, ଜୋତା ଓ ଭଙ୍ଗି ଅଲଗା । ସେ ସମୟର ସାମରିକ, ସାଂସ୍କୃତିକ, ଅର୍ଥନୈତିକ ଧାରଣା ଏଥିରୁ ସହଜରେ ମିଳିପାରେ । ଶେଷ ଦୁଇଟି କୋଠରୀର ଯୋଦ୍ଧା ଓ ଅଶ୍ୱମାନେ ମଧ୍ୟ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେବା ପରି ମନେହେଉଛନ୍ତି ।

ଏଗୁଡ଼ିକରେ ଖନନ ଓ ସଂରକ୍ଷଣ ଏବେବି ଶେଷ ହୋଇନି । ପୁରାତନ ଚୀନ୍‌ରେ ଯୁଦ୍ଧକ୍ଷେତ୍ରରେ ସୈନ୍ୟ, ସେନାପତିମାନଙ୍କର ସ୍ଥାନ କିପରି ଥିଲା ତାହା ଏଥିରୁ ଜଣାପଡେ । ସେନାବାହିନୀର ପ୍ରଥମ ଧାଡ଼ିରେ



ସାମାଜିକ ପ୍ରତିଷ୍ଠାର ସୂଚକ ମଧ୍ୟ ଥିଲା । ଚୀନ୍‌ର ଏହି ସେନାର କେଶବିନ୍ୟାସ ମୁଖ୍ୟତଃ ଦୁଇ ପ୍ରକାରର । ଉଚ୍ଚ ଓ ନିମ୍ନ ପଦର ସୈନିକମାନଙ୍କର କେଶ ବିନ୍ୟାସ ଭିନ୍ନ । ସେମିତି ପଦ ଓ କାର୍ଯ୍ୟ ନେଇ ଜୋତା ମଧ୍ୟ ଭିନ୍ନ ।

ଏହି ଟେରାକୋଟା ସେନା ପ୍ରକୃତ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ । ଏସବୁ ଅସ୍ତ୍ରଶସ୍ତ୍ର କଳଙ୍କି ନିରୋଧୀ ଥିଲା । ତେଣୁ ପୋତା ଯିବାର ୨୦୦ ବର୍ଷ ପରେ ବି ଏସବୁ ଅସ୍ତ୍ର ଏପର୍ଯ୍ୟନ୍ତ ଧାରୁଆ ଅଛି ।

ସମ୍ରାଟ ହୁଆଙ୍ଗଙ୍କର କବର ଠିକ୍ ଭୂତଳ ପ୍ରାସାଦ ସହ ସମାନ । ରାଜକୀୟ ପ୍ରାସାଦରେ ଯାହା ଯାହା ଥାଏ ସବୁ କିଛି ଅଛି ସେଥିରେ । ଏହା ପ୍ରାୟ ୯୮ ବର୍ଗ କିଲୋମିଟର ବ୍ୟାପ୍ତ । ଏହି ମଧ୍ୟରେ ଏକ ପ୍ରମୋଦ ଉଦ୍ୟାନର ବ୍ୟବସ୍ଥା ମଧ୍ୟ ରହିଛି । ଖନନ ସମୟରେ ୪୦ହଜାର ବ୍ରୋଞ୍ଜ ସାମଗ୍ରୀ ମିଳିଛି । ସେ ମଧ୍ୟରୁ ଅଧିକାଂଶ ହେଉଛି ୧୦୦ଟି ଲେଖାଏଁ ତୀର ବନ୍ଧା ହୋଇଥିବା ବିଡ଼ା । ଏସବୁ ଅସ୍ତ୍ର ଉପରେ କ୍ରୋମିୟମ୍ ଡାଇଅକ୍ସାଇଡ୍‌ର ଲେପ ଦିଆଯାଇଥିବା ହେତୁ ୨୦୦୦ ବର୍ଷ ପରେ ମଧ୍ୟ ଏଗୁଡ଼ିକ ଅକ୍ଷୁଣ୍ଣ ରହିଛି ।

ଏହି ଟେରାକୋଟା ସେନା ମଧ୍ୟରୁ ୧୩ଜଣ ସୈନିକଙ୍କୁ ଲଣ୍ଡନ ସ୍ଥିତ ବ୍ରିଟିଶ ମ୍ୟୁଜିୟମ୍‌ରେ ପ୍ରଦର୍ଶନ କରାଯାଇଛି । ଟେରାକୋଟା ସେନା ଦେଖିବା ପାଇଁ ପର୍ଯ୍ୟଟକମାନଙ୍କର ସବୁଠାରୁ ଅଧିକ ଭିଡ଼ ଜମେ ଚୀନ୍ ନବବର୍ଷ ଅବସରରେ । ତେଣୁ କର୍ତ୍ତୃପକ୍ଷ ଭିଡ଼ ନିୟନ୍ତ୍ରଣ ଓ ସଂରକ୍ଷଣକୁ ଗୁରୁତ୍ୱ ଦେଇ ଏହି ଦିନକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖୁଛନ୍ତି ।

ପରଲୋକରେ ମଧ୍ୟ ସମ୍ପଦରେ ଅଭାବ ନରହୁ ସେଥିପାଇଁ ସମ୍ରାଟ ହୁଆଙ୍ଗ ବାଛିଥିଲେ ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର ଏହି ସ୍ଥାନକୁ । କବରସ୍ଥାନ ମହଲ ପରି ହୋଇଥିଲା । ସବୁ ଦାମୀ ଆସବାବପତ୍ର, ମୂଲ୍ୟବାନ ଓ ବିସ୍ମୟକର ସାମଗ୍ରୀ ସବୁ ରଖାଯାଇଥିଲା ଏଠାରେ ଯେମିତି ପରଲୋକରେ ମଧ୍ୟ କୌଣସି ଅସୁବିଧା ହେବନାହିଁ ସମ୍ରାଟଙ୍କର । ସେ ଭାବୁଥିଲେ ପାରଦ ଅମରତ୍ୱ ଦେବ । ତେଣୁ ୧୦୦ଟି ନଦୀର ଜଳରେ ପାରଦ ମିଶା ଯାଉଥିଲା ।

ଟେରାକୋଟା ସୈନ୍ୟଙ୍କ ଚେହେରା ଅଲଗା ଅଲଗା ଯେମିତି । ବାସ୍ତବ ମଣିଷର ଥାଏ । ମାଟିରେ ତିଆରି ଏସବୁ ମୂର୍ତ୍ତିକୁ ଶକ୍ତ କରିବା ପାଇଁ ଭାଟିରେ ପୋଡ଼ାଯାଇଛି । ଶେଷରେ ଏଥିରେ ବିଭିନ୍ନ ଉଜ୍ଜ୍ୱଳ ରଙ୍ଗ ଦିଆଯାଇଥିଲା । ତେବେ ୨୦୦୦ ବର୍ଷର କ୍ଷପ ପରେ ଅଧିକାଂଶ ରଙ୍ଗ ନଷ୍ଟ ହୋଇଯାଇଛି । ଏହା ସାରା ବିଶ୍ୱର ବୃହତ୍ତମ ପତ୍ନତାତ୍ତ୍ୱିକ ଖନନ କ୍ଷେତ୍ର ଓ ବିଂଶ ଶତାବ୍ଦୀର ସବୁଠାରୁ ଆଶ୍ଚର୍ଯ୍ୟଜନକ ଖନନ ।

ପ୍ରଥମେ ୧୯୭୪ ମସିହାରେ ଟେରାକୋଟା ସେନାର ପ୍ରଥମ ଭୂତଳ କୋଠରୀ ଆବିଷ୍କାର କରାଗଲା ।ଏହାପରେ ୧୯୭୬ରେ ପ୍ରଥମ କୋଠରୀ ଠାରୁ ୨୦ ମିଟର

ସେନା ସଜ୍ଜିତ ହୋଇଛି । ଏହି ଟେରାକୋଟା ସେନା କିନ୍ ସାମ୍ରାଜ୍ୟର ପୁରୁଣା ଶତ୍ରୁମାନଙ୍କ ଉଦ୍ଦେଶ୍ୟରେ ପୂର୍ବ ଦିଗକୁ ମୁହଁ କରିଛନ୍ତି । ଏହି ସେନା ମଧ୍ୟରୁ ପ୍ରଥମ କୋଠରୀରେ ଥିବା ବିଶାଳ ସେନା ସବୁଠାରୁ ଆକର୍ଷକ । ଏହାର ଆକାର ବିମାନ ହ୍ୟାଙ୍ଗର ପରି । ଏଠାରେ ପ୍ରାୟ ୬୦୦ ଟେରାକୋଟା ସୈନ୍ୟ ମୂର୍ତ୍ତି ଅଛି । ତେବେ ଏ ମଧ୍ୟରୁ ମାତ୍ର ୨୦୦୦ଟି ପ୍ରଦର୍ଶନ ପାଇଁ ରଖାଯାଇଛି । ପ୍ରଥମ କୋଠରୀର ସବୁ ସୈନ୍ୟ ଓ ଘୋଡ଼ା ଆୟତାକାରରେ ପୂର୍ବକୁ ମୁହଁ କରି ଛିଡ଼ା ହୋଇଛନ୍ତି । ସମସ୍ତଙ୍କ ହାତରେ ବର୍ଚ୍ଛା, ଖଣ୍ଡା ବା ଅନ୍ୟ ଅସ୍ତ୍ର ଅଛି । ୩୮ଟି ଘୋଡ଼ାଟଣା ରଥ ଅଛି ଏଠାରେ । ଏହି ସୈନ୍ୟମାନଙ୍କୁ ଏପରି

ଆଣ୍ଠୁମାଡ଼ି ବସିଥିବା ଓ ଠିଆ ହୋଇଥିବା ଧନୁର୍ଦ୍ଧର ସୈନ୍ୟମାନେ ଅଛନ୍ତି ।

୧୯୮୦ ମସିହାରେ ଖନନ ସମୟରେ ସମ୍ରାଟଙ୍କ କବର ନିକଟରେ ଦୁଇଟି ବ୍ରୋଞ୍ଜ ରଥ ମିଳିଥିଲା । ୩୪୦୦ ଖଣ୍ଡ ଅଂଶରେ ଏହି ରଥ ନିର୍ମିତ । ଏଥିରେ ୪ଟି ଲେଖାଏଁ ଘୋଡ଼ା ଯୋଚା ହୋଇଛନ୍ତି । ରଥ ଓ ଘୋଡ଼ା ବ୍ରୋଞ୍ଜରେ ତିଆରି ହୋଇଥିଲେ ମଧ୍ୟ ପ୍ରତି ରଥରେ ୭ କେଜି ଓଜନର ସୁନା ଓ ରୁପା ଲାଗିଛି ଏଥିରେ । ପୁରାତନ ବ୍ରୋଞ୍ଜ କଳାକୃତି ମଧ୍ୟରୁ ଏହା ସବୁଠାରୁ ବଡ଼ ।

ପୁରୁଣା ସମୟରେ କେଶବିନ୍ୟାସ କେବଳ ଜୀବନ ଶୈଳୀର ଅଂଶ ନଥିଲା ଏହା

---

ଆପଣଙ୍କ ପିଲାଦିନର କଥା ମନେଅଛି? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ା ଫୋପଡ଼ି ଆଉ ମିଳାମିଶା ଆଉ ମନେଅଛି? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନରେ ଗଛରୁ ନଇ ପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ? ଏମିତି ଅନେକ କଥା। ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥାନ୍ତି ମାତ୍ର ସ୍ମୃତି ବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଳାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ। କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି?



# ହଜିଯାଏ ପିଲାଦିନ ସ୍ମୃତି

**ଶି**ଶୁ ମନସ୍ତତ୍ତ୍ୱ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ । ସ୍ମରଣ ଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା – କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତି ଶକ୍ତି । ଦୀର୍ଘଦିନ ଧରି ମନେରହୁଥିବା ମାନସିକ ଶକ୍ତିକୁ ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ଏବଂ ଏହାର ବିପରୀତ ଅବସ୍ଥାକୁ କ୍ଷଣସ୍ଥାୟୀ ସ୍ମରଣଶକ୍ତି କୁହାଯାଏ । ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇରହେ। ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇନଥାଏ । ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତି ଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ। ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ଼ ହୋଇ ରହୁଥିବା ସ୍ମୃତି ଉଭେଇଯାଏ। ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତି ପଟ୍ଟରେ ସାଇତି ରଖିବା ବାକ୍ ଶକ୍ତି ଉପରେ ନିର୍ଭରଶୀଳ । କାରଣ କୌଣସି ଘଟଣା ଉପରେ ଏକାଧିବାର ଆଲୋଚନା କଲେ ତାହା ମାନସ ପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ ମାତ୍ର ଶିଶୁ ଅବସ୍ଥାରେ ବାକ୍ ଶକ୍ତି ପୂର୍ଣ୍ଣ ବିକଶିତ ହୋଇନଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ ।



ପିଲାଦିନର କଥା ମନେନରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି। ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ । ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଏକ ଅନ୍ୟତମ କାରଣ ହୋଇଥାଏ । ଏହି ସ୍ମରଣ ଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ । ଆଉ ଗୋଟିଏ କଥା ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତି ଯେପରି ସେ ବୁଝିପାରିବ। ଆବଶ୍ୟକୀୟ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହାପାଇଁ ଅମୃତ ସଂଞ୍ଜୀବନୀ ସଦୃଶ କାମକରେ। ସବୁଜ ପନିପରିବା, ତଟକା ଫଳ ଓ ପୃଷ୍ଟିକର ଖାଦ୍ୟ ବହୁତ ଭଲ । ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, ଖିସ୍‌ମିସ୍ ବା ଛୋଟମାଛ ବହୁତ ହିତକର । ଦେଶୀଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ । ଶାରୀରିକ



ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ । କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ । ତେବେ ଏହି ମନେନରହିବା ଘଟଣାକୁ ଆପଣ ଲକ୍ଷ୍ୟ ରଖିଲେ ଆପଣ ତୁରନ୍ତୁ ଶିଶୁବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବା ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶ ସମ୍ପନ୍ନ ସ୍ଥାନରେ କିଛି ସମୟ ନିରବ ବସନ୍ତୁ । ମୋବାଇଲ, ଲାପ୍‌ଟପ୍, ସୋସିଆଲ ସାଇଟ ଏହାର ବ୍ୟବହାର ଠାରୁ ଦୂରେଇ ରଖିବା ଭଲ । ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସଂନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ ।







# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ଜାନୁଆରୀ ୨୦୨୬ । ରବିବାର


## ବ୍ଲକ୍‌ସ୍ତରୀୟ ଖରିଫ ଧାନ ମଣ୍ଡି



**ସାକ୍ଷୀଗୋପାଳ,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଖରିଫ ଋତୁରେ ସରକାରୀସ୍ତରରେ ସତ୍ୟବାଦୀ ବ୍ଲକରେ ଧାନ ମଣ୍ଡି ଉଦଘାଟନ ହୋଇଯାଇଛି । ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସାଂସଦଙ୍କ ସତ୍ୟବାଦୀ ବ୍ଲକର ପ୍ରତିନିଧି ତ୍ରିଲୋଚନ ରଥ ଅନୁଷ୍ଠିତ ସଭାରେ ସଭାପତି କରିବା ସହ ସଂଯୋଜନା କରିଥିଲେ । ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ବିଡ଼ିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପୁରୁଷୋତ୍ତମ ନାୟକ, ସମିତି ସଭ୍ୟ ଦୀପକ ଶତପଥୀ, ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ ଓ ବ୍ଲକ ଯୋଗାଣ ଅଧିକାରୀ ଦେବ ଜ୍ୟୋତି ଦାସ ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଧାନ ମଣ୍ଡି ଉଦଘାଟନ କରାଯାଇଥିଲା । ୧୬ଟି ସମବାୟ ସମିତି ଓ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ବର୍ଷ ସତ୍ୟବାଦୀ ବ୍ଲକରେ ଧାନ କିଣିବେ । ଚାଷୀମାନଙ୍କ ସୁବିଧା ପାଇଁ ପ୍ରତ୍ୟେକ ଧାନ ମଣ୍ଡିରେ ପାନୀୟ ଜଳ, ବିଜୁଳି ଆଦି ମୌଳିକ ସୁବିଧା ପ୍ରତ୍ୟେକ ଧାନ ମଣ୍ଡିରେ ଯୋଗାଇ ଦିଆଯିବ ବୋଲି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ପୁରୁଷୋତ୍ତମ ନାୟକ କହିଥିଲେ । ୫୪୦୦ ଚାଷୀଙ୍କ ନିକଟରୁ ୧ ଲକ୍ଷ ୨୦ ହଜାର ୫୦୦ କୁଣ୍ଟାଲ ଧାନ କିଣାଯିବ । ଚାଷୀମାନେ ସୁତୁଳି ଅଖାରେ ଧାନ ଆଣି ମଣ୍ଡିରେ ବିକ୍ରୟ କରିବେ । ଆସନ୍ତା ବର୍ଷ ଠାରୁ ଯେଉଁ ଚାଷୀଙ୍କ ନାମରେ ଜମି ଥିବ ସେହି କେବଳ ନାମ ପଞ୍ଜିକରଣ କରିପାରିବ ବୋଲି ତହସିଲଦାର ଶ୍ରୀ ପାଣିଗ୍ରାହୀ କହିଥିଲେ । ସୁତୁଳି ଅଖା ଚାଷୀମାନେ ସମବାୟ ସମିତିମାନଙ୍କରୁ ପାଇପାରିବେ । ଏସମ୍ପର୍କରେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର କହିଥିଲେ ସରକାର ତୁରନ୍ତ ସମବାୟ ସମିତି ଗୁଡ଼ିକୁ ସୁତୁଳି ଅଖା ଯୋଗାଇ ଦେବା ଦରକାର । ସେହିପରି ଚାଷୀମାନେ ଧାନ ବିକ୍ରି ସମୟରେ କଟନି ଛଟନୀ ନାହିଁ ବୋଲି ସରକାର ଘୋଷଣା କରିଥିବା ବେଳେ ଗତବର୍ଷ କୁଇଣ୍ଟାଲ ଧାନ ପ୍ରତି ୬ରୁ ୧୦ କିଲୋ କଟନିଛଟନି ଚାଷୀମାନେ ଦେଇ ଧାନ ବିକ୍ରି କରିଥିଲେ । ତେଣୁ ଚଳିତ ବର୍ଷ କେତେ କଟନି ଛଟନୀ ଚାଷୀମାନେ ଦେବେ ତାହା ସରକାରୀ ସ୍ତରରେ ଘୋଷଣା କରିବାକୁ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମିଶ୍ର ପ୍ରଶ୍ନ ପଚାରିଥିଲେ । ହେଲେ ବିଭାଗୀୟ ଅଧିକାରୀ ମାନେ ଏହାକୁ ଏଡାଇ ଯାଇଥିଲେ ।

## ଜେକେ ପେପର ମିଲ୍ସକୁ ଜାତୀୟସ୍ତରର ଗ୍ରୀନ୍ ଏନଭାୟରୋ ସେଫ୍ଟି ପୁରସ୍କାର




**ରାୟଗଡା,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପରିବେଶ ସୁରକ୍ଷା ଏବଂ କାର୍ଯ୍ୟସ୍ଥଳ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସାଧନା ପାଇଁ ଜୟକେପୁର ଭିତ୍ତିକ ଜେକେ ପେପର ମିଲ୍ସକୁ 'ଦ୍ୱିତୀୟ ବାର୍ଷିକ ଗ୍ରୀନ୍ ଏନଭାୟରୋ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡ-୨୦୨୬'ର ପ୍ଲାଟିନମ୍ ଶ୍ରେଣୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀ ଭିତ୍ତିକ ଗ୍ରୀନ୍ ଏନଭାୟରୋ ଫାଉଣ୍ଡେସନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ, କାଗଜ ଶିଳ୍ପ କ୍ଷେତ୍ରରେ ଜେକେ ପେପର ମିଲ୍ସର ଉଦାହରଣୀୟ ଅବଦାନକୁ ସ୍ୱୀକୃତି ଦିଆଯାଇଛି ।
୧୨ ଜାନୁଆରୀ ୨୦୨୬ ତାରିଖରେ ଗୋଆରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ଜେକେ ପେପର ମିଲ୍ସର ଜେନେରାଲ୍ ମ୍ୟାନେଜର (ଇଏଚ୍‌ଏସ୍) ସତ୍ୟଜିତ୍ ମୋହାନ୍ତିଙ୍କ ହାତକୁ ଭାରତ ସରକାରଙ୍କ ନୂତନ ଓ ନବୀକରଣଶୀଳ ଉର୍ଜା ବିଭାଗର ମାନ୍ୟବର ରାଜ୍ୟମନ୍ତ୍ରୀ ଶ୍ରୀ ଶ୍ରୀପଦ ଯେସୋ ନାଇକ ହସ୍ତେ ପ୍ରଦାନ କରାଯାଇଥିଲା ।
ଏହି ସଫଳତା ପାଇଁ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତାକୁ କ୍ରେଡିଟ୍ ଦିଆଯାଇଛି । ଏହି ଉପଲକ୍ଷିରେ ସମସ୍ତ କର୍ମଚାରୀଙ୍କ ସାମୂହିକ ପ୍ରୟାସ ଓ ଅବଦାନ ପାଇଁ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ (ୱର୍କ୍ସ) ବିନୟ ଦ୍ୱିବେଦୀ ତାଙ୍କ ହୃଦୟପୂର୍ଣ୍ଣ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ବ୍ୟବହାର ନହେବା ପୂର୍ବରୁ ପିଚୁ ଉଠିଲା

**ମାର୍ଶାଘାଇ,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକର ଦରବଚ୍ଛା ଗ୍ରାମ ମଧ୍ୟରେ ଯାଇଥିବା ୫୩ନମ୍ବର ଜାତୀୟ ରାଜପଥ ଠାରୁ ଜମ୍ବୁ କେନାଲ ବନ୍ଧ ପର୍ଯ୍ୟନ୍ତ ରାସ୍ତାର ମରାମତି ଯାହା ଆଖିରେ ନଦେଖିଲେ ବିଶ୍ୱାସ କରିହେବନି । ମାତ୍ର ୧୫ ଦିନ ହେବ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପିଚୁ ଘସି ଗୋଟି ବିଛାଇ ମରାମତି କରିଥିଲା । ହେଲେ ୧୫ଦିନ ନଯାଉଣୁ ଗୋଡି ଗୁଡିକ ପିଚୁ ଠାରୁ ଅଲଗା ହୋଇ ରାସ୍ତାରେ ଗଡୁଛି । ଗାଡିମଟର ଏହି ରାସ୍ତାରେ ଚଳପ୍ରଚଳ ହେଲେ ଚକା ପଞ୍ଚର ହେବା ସାର ହେଉଛି । ଯାହାକୁ ନେଇ ଯାତାୟତ କରୁଥିବା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଠିକାଦାର ଓ ବିଭାଗ ମଧ୍ୟରେ ଏହି ରାସ୍ତା ମରାମତି ଗ୍ରାମରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଆବଶ୍ୟକ ପରିମାଣର ପିଚୁ ଦିଆ ନଯାଇ ଥିବାରୁ ପିଚୁଠାରୁ ଗୋଡି ଅଲଗା ହୋଇ ରାସ୍ତାରେ ଗୋଡି ଗଡୁଛି । ମାତ୍ର ଶହ ମିଟର ମରାମତି କାର୍ଯ୍ୟରେ ଶେଷ ଆଡକୁ ଟିକେ ପିଚୁ କମଥିବାବେଳେ ଠିକାଦାର ଘସିଦେଇ ଗୋଡି ପକେଇଥିବା ଯନ୍ତ୍ରୀ ସାରଦା ଭୂଷଣ ରାୟ କହିଛନ୍ତି । ତେବେ ଏହି ଘଟଣାରେ ନିମ୍ନମାନର କାର୍ଯ୍ୟକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ।

## ପାର୍ବତୀ ଦେବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**ରାଜନଗର,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟା ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଉଳଙ୍କ ପତ୍ନୀ ପାର୍ବତୀ ରାଉଳଙ୍କ ଦ୍ୱାଦଶାହ ସଭା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଏବିଇଓ ଶିକ୍ଷାବିତ୍ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାକୁ ପଣ୍ଡିତ ବରଦାକାନ୍ତ ଜେନା ସଂଯୋଜନା କରିଥିଲେ । ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା, ରାଜ୍ୟ ବିଜେପି ମୁଖପାତ୍ର ଜ୍ଞାନ ବେଉରା, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ପ୍ରଶାନ୍ତ ରାଉତ, ଶିକ୍ଷାବିତ ଅନାଦୀ ଜେନା, ସଂଜୟ ମିଶ୍ର, ରତ୍ନାକର ବିଶ୍ୱାଳ, ମହେଶ୍ୱର ରାଉତ, ଅଜୟ ବେହେରା, ଅଧ୍ୟାପିକା ଭଗବତୀ ରାଉତ, ସନ୍ତୋଷ ମହାନ୍ତି, ଭୁବନମୋହନ ଜେନା, ଭବାନୀ ପ୍ରସାଦ ମହାପାତ୍ର, କୈଳାସ ମହାନ୍ତି, ଶିକ୍ଷକ ନେତା ଶୁଶାନ୍ତ ପ୍ରଧାନ, ଚିତରଞ୍ଜନ ପ୍ରଧାନ, ମେଜର ସୁବେଦାର ଗଗନବିହାରୀ ସ୍ୱାଇଁ, ଅଚ୍ୟୁତାନନ୍ଦ ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ପାର୍ବତୀ ଦେବୀ ଏକାଧାରାରେ ଜଣେ ସୁଗୃହିଣୀ, ଜଣେ ନେତ୍ରୀ ଓ ସମାଜସେବୀ ଭାବରେ ନିଜକୁ ସାଧାରଣ ଜନତାଙ୍କ ନିକଟରେ ବିଶ୍ୱାସ ଭାଜନ ହୋଇପାରିଥିଲେ । ଏହି କାର୍ଯ୍ୟକ୍ରମକୁ ପୁତ୍ର ରମାକାନ୍ତ ରାଉଳ, ସୀତାକାନନ୍ତ ରାଉଳ, ସରୋଜ ରାଉଳ, ଶ୍ରୀକାନ୍ତ ରାଉଳ ଓ ଜୟନ୍ତ ରାଉଳ ପରିଚାଳନାରେ ସହଯୋଗ କରିଥିଲେ ।

# ଜମିରେ ନିଆଁ ଲଗାଇବାରୁ ନଷ୍ଟ ହେଉଛି ଉର୍ବରତା

**ମାଲକାନାଗିରି,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ଥିବା ବହୁ ହେକ୍ଟର ଚାଷ ଜମିରେ ନିଆଁ ଲାଗିଥିବା ଦେଖିବାକୁ ମିଳୁଛି । ଧାନ ଚାଷ ସରି ଫସଲ ଅମଳ ହେବା ପରେ ଜମିରେ ନିଆଁ ଲଗାଇବା ପ୍ରକ୍ରିୟା ଦୀର୍ଘ ବର୍ଷ ଧରି ଚାଲି ଆସୁଛି । ଅଧିକାଂଶ ଲୋକ ନିଜ ନିଜ ଜମିରେ ନିଆଁ ଲଗାଇ ଉକ୍ତ ଜମିରେ ଥିବା ଘାସ ଓ ଅନାବନା ଗଛ ଗୁଡିକୁ ପୋଡି ପକାଉଛନ୍ତି । ଏପରି କରିବା ଦ୍ୱାରା ଜମି ସଫା ହୋଇଯାଉଛି ସତ, କିନ୍ତୁ ଜମିର ଉର୍ବରତା ହ୍ରାସ ପାଇବାରେ ଲାଗିଛି ।

ଧୂଆଁ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତହେବା ସହ ପରିବେଶ ଦୂଷିତ ହେଉଛି । ଏମିତିକି କେତେଜଣ ମଲିକ ନିଜ ଜମିରେ ନିଆଁ ଲଗାଇ ଛାଡି ଦେଉଥିବାରୁ ଏହା ଉଗ୍ରରୂପ ଧାରଣ କରି ଚାରିଆଡେ ବ୍ୟାପିଯାଉଛି । ନିଆଁ ଲଗାଇବାରୁ ଅତ୍ୟାଧିକ ମାତ୍ରାରେ ଧୂଆଁ ହେବା ସହ ଉକ୍ତ ଜମି ଗୁଡିକର ଆଖ ପାଖରେ ଥିବା ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଆଖ ପାଖ ଗାଁ ମାନଙ୍କରେ ତାପମାତ୍ରା ବୃଦ୍ଧି ପାଉଛି । କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ମୋଟ ୧୨ଟି ପଞ୍ଚାୟତ ଅଧୀନସ୍ତ ଅଞ୍ଚଳରେ ଥିବା ଅଧିକାଂଶ ଜମିରେ ନିଆଁ ଲଗାଯାଉଥିବା ଦେଖିବାକୁ ମିଳୁଛି । ମୁଖ୍ୟତଃ ଚାଷ ଜମିରେ ନିଆଁ ନ ଲଗାଇବା ପାଇଁ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଦୌ ଚାଷୀଙ୍କୁ ସଚେତନ କରାଯାଉ ନାହିଁ ।

ଫଳରେ ପ୍ରତବର୍ଷ ଜମିରେ ନିଆଁ ଲଗାଇବା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି । କୃଷି ବିଭାଗର କର୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି ।

## ବିଳାଶୁଣି ଓ ସିଠାଲୋରେ ଖୋଲିଲା ମଣ୍ଡି

**ନିଆଳି,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**



ବିଳାଶୁଣି ପ୍ରାଥମିକ କୃଷି ସେବା ସମବାୟର ସମିତି ଓ ସିଠାଲୋ କୃଷି ସେବା ସମବାୟ ସମିତିର ଖରିଫ ଧାନ ମଣ୍ଡି ନିଆଳି ବ୍ଲକ୍‌ରେ ଉଦ୍‌ଘାଟିତ ହୋଇଯାଇଛି । ବିଳାଶୁଣି ସେବା ସମବାୟ ସମିତିର ସଭାପତି ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଏହି ମଣ୍ଡିକୁ ନିଆଳି ବିଧାୟକ ଛବି ମଲ୍ଲିକ୍ ଉଦ୍‌ଘାଟନ କରିଥିବାବେଳେ ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ତହସିଲ୍ ଦାର ବିବେକ ରଂଜନ ସାହୁ, ଅକ୍ଷୟ କୁମାର ବିଶ୍ୱାଳ, ବିଷ୍ଣୁ ଚରଣ ଡାଲୁଆ, ବନମାଳୀ ସ୍ୱାଇଁ, ଅମରେନ୍ଦ୍ର ଜେନା, ସଂଯୁକ୍ତା ସାହୁ, କ୍ରୟ କମିଟି ସଭ୍ୟ ଅପର୍ଣ୍ଣ ପ୍ରଧାନ, ବଟକୃଷ୍ଣ ମହାନ୍ତି, ପ୍ରତାପ ଦାସ, ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମକୁ ବିଳାଶୁଣି କୃଷି ସେବା ସମବାୟ ସମିତିର ସମ୍ପାଦକ ସୁନୀଲ କୁମାର ରାୟ ପରିଚାଳନା କରିଥିଲେ । ପ୍ରଥମ ଦିନରେ ୧୯ଜଣ ଚାଷୀଙ୍କ ଠାରୁ ୭୫୦କୁଇଣ୍ଟାଲ କ୍ରୟ କରାଯାଇଛି । ସେହିପରି ଦ୍ୱିପାଞ୍ଚଳ ସିଠାଲୋ କୃଷି ସେବା ସମବାୟ ସମିତିରର ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମ ସଭାପତି ରଶ୍ମିରଞ୍ଜନ ଜେନାଙ୍କ ସଭାପତିତ୍ୱ ସମିତି ସମ୍ପାଦିକା ସ୍ମରଣିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ମଣ୍ଡିକୁ ଏସ୍.ଆରସିଏସ ଶିକ୍ଷା ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଆଡଭୋକେଟ ଯୋଗେଶ ଚନ୍ଦ୍ର ମହାପାତ୍ର, ଅଶୋକ ପାତ୍ର(ଅଧିର) ଉମେଶ ଜେନା, ନିଖିଳ କାନ୍ତ ବେହୁରା, ଉପେନ୍ଦ୍ର ମହାପାତ୍ର, ଦିଲ୍ଲୀପ ସେନାପତି, ଏରଞ୍ଚ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସମବାୟ ସମିତିର ଗୋଦାମ ଘର ନିର୍ମାଣ ନିମନ୍ତେ ମୁଖ୍ୟ ଅତିଥିଙ୍କ ଠାରେ ଅତିଥିମାନେ ଦାବିଜଣାଇ ଥିଲେ । ସେହିପରି ରବି ଫସଲ ବିରି, ମୁଗ ମଣ୍ଡି ଖୋଲିବା ପାଇଁ ଦବିକରିଥିଲେ । ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କ ନିକଟରୁ ୩୭୦ କ୍ୟୁଣ୍ଟାଲ ଧାନ କ୍ରୟ କରାଯାଇଛି ।

## ସ୍ୱଦେଶୀ ସଂକଳ୍ପ ଗଣ ଦୌଡ

**ଖଣ୍ଡପଡ଼ା,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଏକ ସଂକଳ୍ପ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ସ୍ୱଦେଶୀ ସଂକଳ୍ପ ଦୌଡ଼ ସଚେତନ ରଥ ଖଣ୍ଡପଡା ସହର ପରିକ୍ରମା କରିବା ଅବସରରେ ସ୍ଥାନୀୟ ରଥଗଡା ଛକ ଠାରେ ସହରବାସୀ ରଥକୁ ସ୍ୱାଗତ କରିଥିଲେ । ସମାଜସେବୀ ଜିତେନ୍ଦ୍ର କୁମାର କାଟିଆ,ପରମେଶ୍ୱର ମହାନ୍ତି ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପରାଶର ମିଶ୍ରଙ୍କ ସମେତ ଅନେକ ବୁଦ୍ଧିଜୀବି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସ୍ୱଦେଶୀ ଦ୍ରବ୍ୟକୁ ବହୁଳ ମାତ୍ରାରେ ବ୍ୟବହାର କରିବା, ବିଦେଶୀ ଦ୍ରବ୍ୟକୁ ପୁରା ବର୍ଜନ କରିବା ସଂପର୍କରେ ସହରବାସୀଙ୍କୁ ସଚେତନ କରାଯାଇଥିଲା । ହୃଷୀକେଶ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ନେଇ ସଂକଳ୍ପ ନେଇଥିଲେ ।

## ମହୁଲିଆରେ ବିରାଟ ଟୁସୁ ମେଳା



**ବେତନଟୀ,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ-ବଡ଼ସାହି ବ୍ଲକର ସୀମାନ୍ତ ଅଞ୍ଚଳ ମହୁଲିଆ ବନ୍ଧରେ ବିରାଟ ଟୁସୁମେଳା ନିର୍ମଳ ଟୁସୁ ମହୋତ୍ସବ କମିଟିର ସଭାପତି ଉମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି, ସେନା ବାହିନୀର ଅବସର ପ୍ରାପ୍ତ ସୈନିକ ରୂପ ନାରାୟଣ ହେମ୍ବ୍ରମ ବିଶିଷ୍ଟ ଅତିଥି, ମଣ୍ଡଳ ସଭାପତି ଜୀବନ କୁମାର ପରିଡା ସମ୍ମାନିତ ଅତିଥି, ବେତନଟୀ ଜୋନ ସଭାପତି କଟି ମହାନ୍ତି ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ପରିବେଶବିତ ସୁସାହିତ୍ୟିକ ଡକ୍ଟର ରମାକାନ୍ତ ମହାନ୍ତ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ସଦସ୍ୟ ରଣଜିତ ସିଂ ବିଶିଷ୍ଟ ବକ୍ତା, ଇଂ ଚନ୍ଦ୍ର ଶେଖର ବେରା ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ଭାରତୀୟ ସଂସ୍କୃତିରେ ଟୁସୁ ଦେବୀଙ୍କର ସ୍ଥାନ ସ୍ୱତନ୍ତ୍ର ଅନନ୍ୟ ବୋଲି କହିଥିଲେ । ଟୁସୁ ଦେବୀ ନାରୀ ଜାତିର ପୂଜ୍ୟା ନମସ୍ୟା ଆଦର୍ଶ ବୋଲି କହିଥିଲେ । ଜାତୀୟ ସେନା ଦିବସ ପାଳନ ଉପଲକ୍ଷେ ଅବସର ପ୍ରାପ୍ତ ସୈନିକ ରୂପନାରାୟଣ ହେମ୍ବ୍ରମକୁ ମୁଖ୍ୟଅତିଥି ବିଧାୟକ ସନାତନ ବିଜୁଳି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନିର୍ମଳ ଟୁସୁ ମହୋତ୍ସବ କମିଟିର ସମ୍ପାଦକ ଦୈତାରୀ ମହାନ୍ତ ବିବରଣୀ ପାଠ କରିଥିଲେ । ମୋଟ ୪୦ଟି ଟୁସୁ ମେଢ଼ ମଧ୍ୟରୁ ନିମ୍ନ ଲିଖିତ ଏବି ସୁପର ଆଗୁଆଡ଼, ଖସାଡ଼ିହି ବାରିପଦା, ମା'ସାରଳା ଟୁସୁ କମିଟି ତୁଳସୀ ଚଉରା, ଶ୍ରୀ ଜଗନ୍ନାଥ ଟୁସୁ ମେଢ଼ କମିଟି କଇଁଫୁଲିଆ ଟୁସୁମେଢ଼ କମିଟି ଗୁଡ଼ିକୁ ଯଥା କ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ସ୍ଥାନୀୟ ୱାର୍ଡ ମେମ୍ବର ଜଗନ୍ନାଥ ସିଂ, ନିର୍ମଳ ଟୁସୁ ମହୋତ୍ସବ କମିଟିର ଉପ ସଭାପତି ଜହର ଲାଲ ମହାନ୍ତ, ସ୍ୱେଚ୍ଛାସେବୀ ଶ୍ରୀକାନ୍ତ ମହାନ୍ତ, ମହାନ୍ତ, ଭୀମ ଚରଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମହୁଲିଆ ସ୍କୁଲର ଇକୋ କ୍ଲବ ପିଲାମାନେ ପ୍ରକୃତି ଏବଂ ପରିବେଶର ସୁରକ୍ଷା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ନିର୍ମଳ ଟୁସୁ ମହୋତ୍ସବ କମିଟିର ସଦସ୍ୟ ରତିକାନ୍ତ ମହାନ୍ତ ।

## ଯୁବପିଢ଼ିର ସକ୍ରିୟ ଭୂମିକାରେ ଲିଙ୍ଗ ଆଧାରିତ ହିଂସା ରୋକାଯାଇପାରିବ

**ଢେଙ୍କାନାଳ,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ଜାତୀୟ ଯୁବ ସପ୍ତାହ ଅବସରରେ ଗୁରୁବାର ଗୋବିନ୍ଦପୁରସ୍ଥିତ ବାଜିରାଉତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପରିସରରେ 'ଗୋଷ୍ଠୀ ସ୍ତରରେ ଲିଙ୍ଗ ଆଧାରିତ ହିଂସା ନିୟନ୍ତ୍ରଣରେ ଯୁବପିଢ଼ିର ଭୂମିକା' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ସଖୀ-ଓନ୍ ଷ୍ଟପ୍ ସେଣ୍ଟର, ଢେଙ୍କାନାଳ ପକ୍ଷରୁ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମେର ଢେଙ୍କାନାଳ ଡିଏସପି ସୁଷମା ପ୍ରଧାନ, ବିଆଇଇଟିର ଅଧ୍ୟକ୍ଷ ତାରାପ୍ରସନ୍ନ ସତପଥୀ ଓ ପ୍ରିନସିପାଲ ଏକେ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବମାନଙ୍କୁ ସମାଜରୁ ହିଂସା ମୁକ୍ତି ପାଇଁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଶିଶିର ଶତପଥୀ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଲିଙ୍ଗ ଆଧାରିତ ହିଂସାର କାରଣ, ପ୍ରଭାବ ଓ ତାହା ରୋକିବାରେ ଯୁବପିଢ଼ିର ସକ୍ରିୟ ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ସଖୀ ଓନ୍ ଷ୍ଟପ୍ ସେଣ୍ଟରର ପ୍ରଶାସିକା ରିତା ମରୀ କର, କେସ୍ ୱାର୍କର ଲିପ୍ସା ପାତ୍ର, ପାରାମେଡିକାଲ୍ କର୍ମଚାରୀ ସ୍ୱାଗତିକା ସାହୁ ଓ କର୍ମୀ ସଜିତା ନାୟକ ସେଣ୍ଟର ଦ୍ୱାରା ପ୍ରଦତ୍ତ ସେବା, ଆଇନଗତ ସହାୟତା, ପୁନର୍ବାସ ଓ ସୁରକ୍ଷା ସୁବିଧା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ବିଆଇଇଟିର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଶିକ୍ଷାବିତ୍‌ମାନେ ଉପସ୍ଥିତ ରହି ସକ୍ରିୟ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟି ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସମାଜରୁ ଲିଙ୍ଗ ଆଧାରିତ ହିଂସା ନିରାକରଣ ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

## ବେଆଇନ ଗୋରୁ ଚାଲାଣ: ୪୬ ସ୍ଥାନରେ ଚଢ଼ାଉ

**କେନ୍ଦୁଝର,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ରାଜ୍ୟରେ ବେଆଇନ ଗୋରୁ ଚାଲାଣ ବୃଦ୍ଧି ପାଇଛି । ଏହାକୁ ନଜର କରି ପୋଲିସ ମଧ୍ୟ ବେଶ ସଜାଗ ରହିଛି । ସକାଳୁ ଏନେଇ କେନ୍ଦୁଝର ପୋଲିସ ଜିଲ୍ଲାର ୪୬ଟି ବେଆଇନ ଗୋରୁ ଚାଲାଣ କରୁଥିବା ଠିକଣା ଉପରେ ଚଢ଼ାଉ କରିଛି । କେନ୍ଦୁଝର ଜିଲ୍ଲାରେ ସାନ୍ତରାପୁର, କଳିଆହତା, ତେଲକୋଇ, ଘଷିପୁରା, ତୁରୁମୁଙ୍ଗା ଆଦି ସ୍ଥାନରେ ଚଢ଼ାଉ ଜାରି ରଖିଛି । ଆଜିର ଏହି ଚଢ଼ାଉରେ ଜିଲ୍ଲା ପୋଲିସର ପାଞ୍ଚ ଡିଏସପି, ପଚିଶ ଇନ୍ସପେକ୍ଟର, ଛତିଶ ଏସଆଇ ସହ ଅଠର ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି । ଆଜିର ଏହି ଚଢ଼ାଉରେ ବ୍ୟାପକ ଟଙ୍କା, ସୁନାଗହଣା, ଗାଡ଼ି ସହ ଚାଲାଣ ପାଇଁ ଥିବା ଗୋରୁ ଜବତ କରିଛି ପୋଲିସ । ଏହି ଚଢ଼ାଉ ଜାରି ଥିବାବେଳେ ସନ୍ଧ୍ୟା ସୁଦ୍ଧା ସମସ୍ତ ତଥ୍ୟ ମିଳିବ ବୋଲି ଜିଲ୍ଲା ପୋଲିସ ପକ୍ଷରୁ କୁହାଯାଇଛି ।

ପ୍ରକାଶ ଯେ ଏହି ବେଆଇନ ଗୋରୁ ଚାଲାଣ ନେଇ ରାଜ୍ୟର ମୟୁରଭଞ୍ଜ, ଯାଜପୁର ଜିଲ୍ଲାର ବିଶୋଇ, ଝାର ପୋଖରିଆ, ତେନ୍ତିପୋଷି, ଚଢେଇଭୋଲ, କେନ୍ଦେଇ ଆଦି ସ୍ଥାନରେ ଚଢ଼ାଉ ଜାରି ରଖିଛି ରାଜ୍ୟ ପୋଲିସ ।

## ପଦ୍ମ ଧରିଲେ ୪ ଜିଲ୍ଲା ପରିଷଦ ସଦସ୍ୟ

**କଳିଙ୍ଗନଗର,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ କ୍ଷମତା ହାରିବା ପରେ ବିଜେଡି ଦଳ ଭିତରେ ଏକତା ଓ ଅସନ୍ତୋଷ ତୀବ୍ର ହୋଇଉଠିଥିବା ବେଳେ, ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ବିଜେପି ଦଳ ତାହାର ସଂଗଠନକୁ ଐତିହାସିକ ଭାବରେ ମଜବୁତ କରିଛି । ପ୍ରତିଦିନ ଗୋଟିଏ ପରେ ଗୋଟିଏ ବିଜେଡି ନେତା ଓ କର୍ମୀ ଦଳ ଛାଡି ପଦ୍ମ ଧରୁଥିବା ଦୃଶ୍ୟ ଏବେ ଓଡ଼ିଶା ରାଜନୀତିର ସବୁଠାରୁ ବଡ଼ ଖବର ହୋଇଉଠିଛି । ଯାଜପୁରର ୧୬ ଜଣ ଜିଲ୍ଲାପରିଷଦ ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ସୁକିନ୍ଦା ଓ ଦାନଗଦି ବ୍ଲକର ଜିଲ୍ଲାପରିଷଦ ସଦସ୍ୟମାନେ ଆଜି ଓଡ଼ିଶା ସରକାରର ସହକାରୀ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ବୟନଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକୋଟ କରି ସମସ୍ତେ ବିଜେପି ଶିବିରରେ ସାମିଲ ହୋଇଛନ୍ତି ।ସୁକିନ୍ଦା ଓ ଦାନଗଦି ବ୍ଲକର ୮ନଂ ଜୋନ୍‌ର ସାମନ୍ତି ରାଣୀ ରାଉତ, ୯ନଂ ଜୋନ୍‌ର ଟିନା ହାଇବ୍ରୁ, ୩୮ନଂ ଜୋନ୍‌ର ସାଧୁ ଚରଣ ଡ୍ୟୁ ଓ ୩୯ନଂ ଜୋନ୍‌ର ପ୍ରତାପ ପଟ୍ଟନାୟକ ଏହି ୪ଜଣ ଜିଲ୍ଲାପରିଷଦ ସଦସ୍ୟ ସହିତ ଅନେକ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି ମଧ ବିଜେପିରେ ସାମିଲ ହୋଇଛନ୍ତି । ଏଥିସହିତ ସୁକିନ୍ଦାର ୬ ଜିଲ୍ଲାପରିଷଦ ମଧ୍ୟରୁ ୪ ଜଣ ବର୍ତ୍ତମାନ ପଦ୍ମ ଶିବିରରେ ଅଛନ୍ତି । ଟୁଟୁଙ୍କ ନେତୃତ୍ୱରେ ସୁକିନ୍ଦା ଓ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ପ୍ରତିଦିନ ଶହଶହ ତୃଣମୂଳସ୍ତରର କର୍ମୀ ଓ ନେତା ବିଜେପିରେ ଯୋଗଦେଉଥିବା ଦୃଶ୍ୟ ଦେଖାଯାଉଛି । ପ୍ରତ୍ୟେକ ପଞ୍ଚାୟତରେ ବିଜେଡି ଆଗଧାଡ଼ିର ନେତାମାନେ ବିଜେପିରେ ମିଶିବାକୁ ପ୍ରତିଦ୍ୱନ୍ଦିତା ଆରମ୍ଭ କରିଥିବା ଚର୍ଚ୍ଚା ଚାଲିଛି । ରାଜନୈତିକ ମହଲରେ ଏବେ ଏକ ଚର୍ଚ୍ଚିତ କଥା ୩୪ ବର୍ଷ ଧରି କ୍ଷମତାରେ ଥିବା ଘଡେଇ ପିତା-ପୁତ୍ରଙ୍କ କୋଠି ଧୀରେ ଧୀରେ ଖାଲି ହେଉଥିବା ବେଳେ ଟୁଟୁଙ୍କ ଖଳା ପୂର୍ଣ୍ଣ ହେଉଛି । ଏହି ଯୋଗଦାନ ପ୍ରକ୍ରିୟା ସୁକିନ୍ଦାରେ ସୀମିତ ନୁହେଁ । ଯାଜପୁର ଜିଲ୍ଲାର ୧୬ ଜଣ ଜିଲ୍ଲାପରିଷଦ ସଦସ୍ୟ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ଘଟଣା ବିଜେଡି ପାଇଁ ବଡ଼ ରାଜନୈତିକ ଝଟକା । ପୂର୍ବତନ ସାଂସଦ ରୀତା ତରାଇ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ଯୋଗଦାନ ଦଳକୁ ଅଧିକ ଦୁର୍ବଳ କରିଦେଇଛି । ଯାଜପୁର ଜିଲ୍ଲା ବିଜେଡି ନେତୃତ୍ୱ, ବିଧାୟକ ଓ ତୃଣମୂଳ ସ୍ତରରେ ସମନ୍ୱୟ ଭଙ୍ଗ ହୋଇଯାଇଥିବା ବେଳେ, ପ୍ରଣବ ପ୍ରକାଶ ଦାସ ଓ ପ୍ରୀତି ରଞ୍ଜନ ଘଡେଇ ସମାନ୍ତରାଳ ସଂଗଠନ ଚଳାଇବାରୁ ଦଳ ଭାଗଭାଗ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡା

**ମାଲକାନାଗିରି,୧୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମ୍ୱେଡା ପଞ୍ଚାୟତ ଅଧିନସ୍ତ ଏମଭି -୨୯ ଗ୍ରାମରେ ଥିବା କାମ୍ୱେଡା ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଶୁକ୍ରବାର ଠାରୁ ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଛି ।



ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ଭୋଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମଭି -୨୭ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ରମାକାନ୍ତ ମାଡକାମୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ କୁମୁଦ ମଣ୍ଡଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଣେଷ ଚନ୍ଦ୍ର ବିଶ୍ୱାସ, ପୁରୁଣା ଚିମଟାପାଲୀ ପଞ୍ଚାୟତର ସିଆରସିସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ମୁକୁନ୍ଦ ମାଡ଼କାମୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ଭୋଳ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯିବା ସହ ମଶାଲ ପ୍ରଜ୍ୱଳନ କରାଯାଇ କ୍ରୀଡା ଉତ୍ସବର ଶୁଭାରମ୍ଭ କରାଯାଇଥିଲା । ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ମୋଟ ୧୪୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ପିଲାମାନେ ଏହି କ୍ରୀଡା ଉତ୍ସବରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଛନ୍ତି ।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ସଟପୁଟ, ଡ଼ିସକସ ଥ୍ରୋ, ଭଲିବଲ, କ୍ରିକେଟ, ଲମ୍ବଡିଆଁ, ଉଚ୍ଚଡିଆଁ, ସ୍ଲୋ ସାଇକେଲ, ମ୍ୟୁଜିକାଲ ଚେୟାର ଭଳି ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ହୋଇଛି । ପିଇଟି ଶିକ୍ଷକ ଅଭିମନ୍ୟୁ ବେହେରା, ଜ୍ୟୋତି ରଞ୍ଜନ ସ୍ୱାଇଁ ମୋଟ ଦୁଇ ଜଣ କ୍ରୀଡା ଶିକ୍ଷକ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି । ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟମାନଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି ।

**ଖୋର୍ଦ୍ଧା:** ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡା ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉଦଘାଟନ କରାଯାଇଥିଲା । ପରେ କ୍ରୀଡା ପ୍ରଶିକ୍ଷକ ଦୀପକ କୁମାର ସ୍ୱାଇଁ ଓ ଅନ୍ୟ ସହଯୋଗୀ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ



ପରିଚାଳିତ ହୋଇଥିଲା । ଅତିଥି ରୂପେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଯୋଗଦେଇ କହିଲେ ଜୀବନରେ ସଫଳତା ପ୍ରାପ୍ତି ନିମନ୍ତେ ପ୍ରଥମେ ନିଜ ଭିତରେ ଥିବା ପ୍ରତିଭାକୁ ଚିହ୍ନିବା ଉପରେ ଗୁରୁତ୍ୱ ଦେଲେ ଜୀବନରେ ଲକ୍ଷ ପଥରେ ଆଗେଇ ପାରିବ । ତେଣୁ ନିଜ ନିଜ ଭିତରେ ଥିବା ପ୍ରତିଭାକୁ ଚିହ୍ନିବା ଜାଣିବା ପାଇଁ ସ୍କୁଲ, କଲେଜର ବାର୍ଷିକ କ୍ରୀଡା ହିଁ ପ୍ରକୃତ ମାଧ୍ୟମ ବୋଲି କହିଥିଲେ । ଏହି ଅବସରେ ମୁଖ୍ୟଅତିଥି ଶ୍ରୀ ବେଉରା ଯୁକ୍ତ ୨ ବିଭାଗର ଦୀପାଳି କାଣ୍ଡି, ଯୁକ୍ତ ୩ ବିଭାର ବର୍ଷାରାଣୀ ମହାଭୋଇଙ୍କୁ କ୍ରୀଡା ଚମ୍ପିୟାନ ଭାବେ ପୁରସ୍କୃତ କରିଥିଲା ବେଳେ ଅନ୍ୟ ପ୍ରତିଭା ତଥା କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି ଉତ୍ସବରେ କ୍ରୀଡା ବିଭାଗର ଭାଇସ ପ୍ରେସିଡେଣ୍ଟ ଡକ୍ଟର ମୌସୁମୀ ପଟେଲ, କ୍ରୀଡା ବିଭାଗର ବିଭୁତି ଭୂଷଣ ଦାସ, ଏକାଡେମୀକ ନିତା ଦାସ, କ୍ରୀଡା ପରିଚାଳନାରେ ସହାୟତା କରିଥିଲା ବେଳେ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଏନ୍‌ଏଏସି ସନ୍ ସାଇନ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଶୁକ୍ରବାର ସନ୍ଧ୍ୟାରେ ୧୧ତମ ବାର୍ଷିକ ଉତ୍ସବ ସ୍କୁଲର ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ବିନୋଦ କୁମାର ବେହେରା ଉପସ୍ଥିତ ରହି କିଛି ଅନୁଭୂତିକୁ ବଖାଣିବା ସହ ଛାତ୍ରଛାତ୍ରୀ ନିର୍ଭିକ ହେବା ପାଇଁ ପରାମର୍ଶ ଦେଇଥିଲେ ।।ମୁଖ୍ୟବକ୍ତା ବ୍ରହ୍ମପୁର ବଡମେଡିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର ମାନସ ରଞ୍ଜନବେହେରାଙ୍କ ଅନ୍ତର୍ନିହିତ ଗୁଣ କୁ ପରିପ୍ରକାଶ କରିବାରେ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ବହନ କରିଥାଏ । ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ କରିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟବକ୍ତା କହିଥିଲେ । ସମ୍ମାନୀତ ଅତିଥି ଏନ୍‌ଏଏସି ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ଓଡିଶାର ନମ୍ବର ୱାନ ଏସଡିପିଓ ସୁଜିତ କୁମାର ନାୟକ, ସମ ମେଡିକାଲ ଡାକ୍ତର ଆଲୋକ ପାଣିଗ୍ରାହୀ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମକୁ ସ୍କୁଲର ଅଧ୍ୟକ୍ଷ ସୁନୀଲ ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଶିକ୍ଷୟିତ୍ରୀ ଅର୍ଚ୍ଚନା ନାୟକ,ଦୀପ୍ତିରାଣି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଂଯୋଜନା କରିଥିଲେ । ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ମୋହନ ମୂରଲୀ ବେହେରାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ଇଭେଣ୍ଟରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ ।

**କବିସୂର୍ଯ୍ୟନଗର:** ଗଞ୍ଜାମଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ବାଲ୍ୟାସରା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ୯୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ହୋଇଯାଇଛି । ଶିକ୍ଷକ ଶଙ୍କର ପ୍ରସାଦ ଡାକୁଆଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରବୀନ୍ଦ୍ର କୁମାର ପଲେଇ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ବନମାଳୀ ସ୍ୱାଇଁ, ସମିତି ସଭ୍ୟା ମମତା ଖଣ୍ଡୁଆଳ, ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ଶ୍ରୀକାନ୍ତ ମହାପାତ୍ର, ସିଆରସିସି ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ମାଝୀ, ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ପଲେଇ, ଶିକ୍ଷକ ଦିବାକର ଶତପଥୀ, ନିକୁଞ୍ଜ ଚୌଧୁରୀ, ମଧୁସୂଦନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଶିକ୍ଷାର ବିକାଶ ଏବଂ ଶିକ୍ଷା ବିକାଶ ପାଇଁ ବିଦ୍ୟାଳୟରେ ଭିତ୍ତି ଭୂମିର ଆବଶ୍ୟକତା ଜରୁରୀ ବୋଲି ମତବ୍ୟକ୍ତ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ବିକାଶ ଓ ଶିକ୍ଷାଦାନରେ ବିଦ୍ୟାଳୟର ଗୌରବ ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ମଞ୍ଚ ଉପରେ ପରିବେଷଣ କରି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ଉତ୍ସବରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉପଭୋଗ କରିଥିବା ଜଣାଯାଇଛି ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 18th January, 2026 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ବାବାଙ୍କ ପେଷ୍ଟ




ବାମଦେବ ବାବାଙ୍କ ଷ୍ଟୋରକୁ ଯାଇ ଜଣେ ଗ୍ରାହକ ସେଲ୍ସମ୍ୟାନଙ୍କୁ ପଚାରିଲେ- ଆଜ୍ଞା, ଦାନ୍ତଘଷା ପେଷ୍ଟ ଅଛି ?

ସେଲ୍ସମ୍ୟାନ ଥାକରୁ କାଢ଼ି ଗୋଟିଏ ପେଷ୍ଟ ପ୍ୟାକେଟ୍ ଗ୍ରାହକଙ୍କୁ ଧରାଇଦେବାରୁ ସେ ପଚାରିଲେ- ଏଇଟା କ'ଣ ଅନ୍ୟାନ୍ୟ ପେଷ୍ଟ ଭଳି କାମ କରୁଛି ?

ସେଲ୍ସମ୍ୟାନ କହିଲେ- ହଁ ଆଜ୍ଞା, ଏଥିରେ ତୁଳସୀ, ଲିମ୍ବ, ହଳଦୀ, ଚନ୍ଦନ, ମହୁ, ମୁଥା ପ୍ରଭୃତି ରହିଛି ।

ଗ୍ରାହକ କହିଲେ- ନାଇଁ ନାଇଁ, ଆପଣ ଠିକ୍ ଧରିପାରିଲେ ନାହିଁ । ମୁଁ ମୁହଁରେ ହୋମ କରିବା ପାଇଁ ଜିନିଷ ମାଗୁନି । ଦାନ୍ତଘଷା ପେଷ୍ଟ ମୋର ଦରକାର ।

## ଜାତମୁଣ୍ଡିଆ କ୍ରିକେଟ କ୍ଲବ ବିଜୟୀ

**ବାଙ୍କୀ, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ହାଇସ୍କୁଲ ପଡିଆ ଠାରେ ଆୟୋଜିତ ସୁଜିତ୍ ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଫାଇନାଲ୍ ମ୍ୟାଚରେ ତାଳବସ୍ତର ଭାଇ ଭାଇ କ୍ରିକେଟ ଟିମ୍ ସହ ଜାତମୁଣ୍ଡିଆ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତାଳବସ୍ତ ଭାଇ ଭାଇ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୦ଓଭରରେ ୮ଉଇକେଟ୍ ହରାଇ ୬୭ରନ୍ କରିଥିବା ବେଳେ ଜାତମୁଣ୍ଡିଆ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୯ଉଇକେଟ୍ ହରାଇ ୬୮ରନ୍ କରି ଚମ୍ପିୟାନ୍ ହୋଇଥିଲେ । ଜାତମୁଣ୍ଡିଆ ଟିମ୍‌ର ସୁରଜ କୁମାର ଜେନା ସର୍ବାଧିକ ରନ୍ କରି ମ୍ୟାନ୍‌ଅଫ୍ ଦି ମ୍ୟାଚ୍ ଏବଂ ତାଳବସ୍ତ ଭାଇ ଭାଇ କ୍ରିକେଟ ଟିମର ଆଲୋକ କୁମାର ଦାସ ମ୍ୟାନ୍ ଅଫ୍ ଦି ସିରିଜ ହୋଇ ପୁରସ୍କାର ଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅନନ୍ତ କୁମାର ପଟ୍ଟନାୟକ, ଯୁବସମାଜସେବୀ ମାନସ କୁମାର ବେହେରା, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ସି.ଆର.ସି.ସି ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ, ସ୍ୱାସ୍ଥ୍ୟ ପରିଦର୍ଶିକା ଏଲିନା ପ୍ରିୟଦର୍ଶିନୀ, କବି ଲଲାଟେନ୍ଦୁ ପଣ୍ଡା, ଶିକ୍ଷକ ଗଗନ ବେହେରା, ବଳଭଦ୍ର ରଣା ପ୍ରମୁଖ ଯୋଗଦାନ କରି ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ସହ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ଆୟୋଜିତ ଏହି ଉଦ୍‌ଯାପନ ଉତ୍ସବରେ ଶ୍ରୀରାମ କମିଟିର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ବିଜୁଳି ଚକ୍ରାନ୍ତ ଓ ଧାନକିଣା ଅବ୍ୟବସ୍ଥା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଜୀବନ ସାର୍ଥକ ଦାସଙ୍କ ନେତୃତ୍ୱରେ ଆଜି ଝାରସୁଗୁଡ଼ା ଠାରେ ମନରେଗା ଉଚ୍ଛେଦ, ବିଜୁଳି ଚକ୍ରାନ୍ତ, ଧାନ କିଣା ଅବ୍ୟବସ୍ଥା ବିରୋଧରେ କଂଗ୍ରେସର ମହାସମାବେଶ ଆୟୋଜିତ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରଥମେ ପିସିସି ସଭାପତି, ଓଡ଼ିଶା ପ୍ରଭାରୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ପୁରୁଣା ବସଷ୍ଟାଣ୍ଡ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ଏବଂ ଏହାପରେ ବେରାମାଳ ଛକରେ ଦୁର୍ଗାମନ୍ଦିର ଦର୍ଶନ କରିବା ସହ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

ଏମସିଏଲ ଅଡିଟୋରିୟମ ପାଖରେ ଆୟୋଜିତ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ଝାରସୁଗୁଡ଼ା ଜିଲ୍ଲାର ଅଧିବାସୀ ଏକ ବିଷାକ୍ତ ପରିବେଶ ବଳୟ ଭିତରେ କାଳତିପାତ କରୁଛନ୍ତି । ବାୟୁମଣ୍ଡଳ ଏତେ ଦୂଷିତ ହୋଇଛି ଯେ ବିଜୁଳିବତି ଜଳି ମଧ୍ୟ ରାତିରେ ସହରର ରାସ୍ତା ଦିଶୁନି । ଶିଳ୍ପରୁ ନିର୍ଗତ ପାଉଁଷ ଏ ଜିଲ୍ଲାର କୃଷି ପରିବେଶକୁ ସଂପୂର୍ଣ୍ଣ ନଷ୍ଟ କରିବାକୁ ବସିଲାଣି । କଂଗ୍ରେସ ଝାରସୁଗୁଡ଼ାରେ ଶିଳ୍ପାୟନ କରିଛି । ଶିଳ୍ପ ବିକାଶ ପାଇଁ ସମସ୍ତ ସୁଯୋଗ ଦେଇଛି । କିନ୍ତୁ ଶିଳ୍ପପତିମାନେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଝାରସୁଗୁଡ଼ାରୁ ପ୍ରଚୁର ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି । ଶିଳ୍ପପତିମାନେ ଲାଭବାନ ହେଉଛନ୍ତି ମାତ୍ର ଝାରସୁଗୁଡ଼ା ବାସିନ୍ଦା ଓ ଝାରସୁଗୁଡ଼ାର ଗରିବଲୋକମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ଯଦି ଆମେ ପରିବେଶ ପାଇଁ ଲଢ଼େଇ ନକରିବା ବା ଜାଗ୍ରତ ନହେବା ଝାରସୁଗୁଡ଼ା ଭବିଷ୍ୟତରେ ମଣିଷ ପାଇଁ ଆଉ ବାସପୋଯୋଗୀ ରହିବ ନାହିଁ । ଝାରସୁଗୁଡ଼ାବାସୀଙ୍କ ପାଇଁ ଝାରସୁଗୁଡ଼ାରେ ଏକ ଭଲ ହସପିଟାଲ ନହୋଇପାରିବା ଦୁର୍ଭାଗ୍ୟଜନକ ।

ଆଜି ମୋଦି ସରକାର ମହାତ୍ମା ଗାନ୍ଧୀ ନରେଗା ଯୋଜନାକୁ ସଂପୂର୍ଣ୍ଣଭାବେ ଉଚ୍ଛେଦ କରିଦେଇଛି । ଏହା ବଦଳରେ ଭିବିଜି ରାମଜୀ ପ୍ରଚଳନ କରିଛନ୍ତି, ଯେଉଁଥିରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ହିତାଧିକାରୀମାନଙ୍କୁ ସଂପୂର୍ଣ୍ଣ ଭାବରେ ବିଶ୍ୱାସଘାତକତା କରାଯାଇଛି । ଅନ୍ୟପକ୍ଷରେ ଏହି ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ କାଟିଦେବା ଏ ଦେଶ ଏବଂ ଏ ଜାତିପାଇଁ ଅପମାନ । ସେହିଭଳି ନିର୍ବାଚନ ସମୟରେ ୩୦୦ ୟୁନିଟ ବିଜୁଳି ଦେବାପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ମାଗଣା ବିଜୁଳି ଦେବ କ'ଣ ଏ ରାଜ୍ୟର ଏକକୋଟି ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରିବାକୁ ଷଡଯନ୍ତ୍ର କରିଛନ୍ତି । ମୋହନ ସରକାର ଏବଂ ଟାଟାପାୱାରର ମଧୁଚନ୍ଦ୍ରିକାରେ ଏବେ ଓଡ଼ିଶାର ବିଜୁଳି ଖାଉଟି ହନ୍ତସନ୍ତ । ଭାରତର ବିଭିନ୍ନ ରାଜ୍ୟ ୧୦୦ ରୁ ୩୦୦ ୟୁନିଟ ବିଜୁଳି ଛାଡ଼ କରୁଥିବା ବେଳେ ଓଡ଼ିଶାରେ ତାହା ସମ୍ଭବ ହେଉନାହିଁ କାହିଁକି ? ଶିଳ୍ପକୁ ବିଜୁଳି ଦେୟ ଛାଡ଼ କରାଯାଉଥିବା ବେଳେ ଚାଷୀକୁ ଗୋଟିଏ ୟୁନିଟ୍ ବିଜୁଳି ମାଗଣା ଦିଆଯାଉ ନାହିଁ ମାତ୍ର ଚାଷୀକୁ ମାଗଣା ବିଜୁଳି ଦେବାପାଇଁ ପ୍ରତିଶ୍ରୁତି ଦେଇଥଲେ । ସେହିଭଳି ଉପଭୋକ୍ତାଙ୍କୁ ଅତିରିକ୍ତ ସୁରକ୍ଷା ଜମା ବାବଦରେ ଅର୍ଥପୈଠ କରାଯିବାକୁ ବାଧ୍ୟ କରାଯାଉଛି । ମୋହନ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଏ ରାଜ୍ୟର ଏକକୋଟି ବିଜୁଳି ଉପଭୋକ୍ତାଙ୍କର ଜାଗରଣ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେ ଧାନ ସଂଗ୍ରହରେ ଏ ସରକାରଙ୍କର ଶଠତା ଜଳ ଜଳ ହୋଇ ଦିଶୁଛି । ମିଲ ମାଲିକ ଏବଂ ସରକାରଙ୍କର ଭିତିରି ବୁଝାମଣାରେ ଚାଷୀ କ୍ଷତିଗ୍ରସ୍ତ ହେଉଛି । ଚାଷୀର ସମସ୍ତ ଧାନକୁ କିଣିବାକୁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ ଏବେ ସେ ପ୍ରତିଶ୍ରୁତି ପ୍ରତାରଣରେ ପରିଣତ ହୋଇଛି । ପ୍ରତି କ୍ୱିଣ୍ଟାଲ ଧାନରୁ ୧୦ କିଲୋ କଟନୀ ଛଟନୀର ଆଳରେ କାଟି ଦିଆଯାଉଛି । ଏବେ ପୁଣି ବିଜେପି ସରକାର ପ୍ରତିଶ୍ରୁତି ଦେଇଥିବା ଏମଏସପି ମୂଲ୍ୟରୁ ୮୦୦ ଟଙ୍କା କାଟି ଦେବାକୁ ମଧ୍ୟ କହିସାରିଲେଣି । ପରିଶେଷରେ ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କୁ ନେଇ ସମ୍ବଲପୁର ଠାରେ ଏକ ମହାସମାବେଶ କରାଯିବାପାଇଁ ପିସିସି ସଭାପତି ଶ୍ରୀ ଦାସ ସେଠାରେ ଘୋଷଣା କରିଥିଲେ ।



ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ସରକାରଙ୍କ ବିଜୁଳି ଉପଭୋକ୍ତା, ଚାଷୀ ଏବଂ ମୋଟରଗାଡ଼ି ଚାଳକ ମାରଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ । ଏମାନଙ୍କର ସ୍ୱର ଆଜି କଂଗ୍ରେସର ସ୍ୱର ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ସିର୍ଦ୍ଧାଥ ଦାସ, ହମିଦ ହୁସେନ, ଅମୀତା ବିଶ୍ୱାଳ, ଯଶୋବନ୍ତ ସିଂ ଲାଗୁରି, ଅରବିନ୍ଦ ଦାସ, ହମିଦ ହୁସେନ, ମାନସ ମଲ୍ଲିକ, ସସ୍ମିତା ପଣ୍ଡା, ସୁବ୍ରତ ଦାସ, ମିଳନ ପଟ୍ଟନାୟକ, ଅମିତ ଗୁରୁ, ସଂଜୟ ମହାପାତ୍ର, ଦେବାନନ୍ଦ ବାରିକ, ଲିଙ୍ଗରାଜ ବଡ଼େଇ, ସଲିମ ଖାନ, କାଜଲ ଘୋଷ, ଗୁଡୁ ଅଗସ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସ୍କୁଲରେ ପିଟାପିଟି ହୋଇ ୨ ଶିକ୍ଷୟିତ୍ରୀ ଲହୁଲୁହାଣ

**ସମ୍ବଲପୁର, ୧୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁର୍ଲା କିର୍ବି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଭାବନୀୟ ଘଟଣା ଘଟିଥିବାର ସୂଚନା ମିଳିଛି । ବିଦ୍ୟାଳୟ ମଧ୍ୟରେ କୌଣସି କାରଣକୁ କେନ୍ଦ୍ରକରି ୨ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା । ସଂଘର୍ଷରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ମୁହଁରୁ ରକ୍ତ ସ୍ରାବ ହେଉଥିବାର ଏକ ଭାଇରାଲ ଭିଡିଓ ଏ ମୋବାଇଲରୁ ସେ ମୋବାଇଲକୁ ଘୂରି ବୁଲୁଛି । ଉକ୍ତ ଭିଡିଓରେ ଉଭୟ ଶିକ୍ଷୟିତ୍ରୀ ନିଜ ନିଜ ମୋବାଇଲ ଛାତ୍ରୀଙ୍କୁ ଦେଇ ଘଟଣାର ଦୃଶ୍ୟ ଉତ୍ତୋଳନ କରିବାକୁ କହୁଥିବା ଦେଖାଯାଇଛି । ତେବେ ମିଳିଥିବା ସୂଚନା ଅନୁସାରେ, ବିଦ୍ୟାଳୟରେ କୌଣସି ସଫେଇ କାର୍ଯ୍ୟକୁ ନେଇ ଉଭୟ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ପରବର୍ତ୍ତୀ ସମୟରେ ଉଗ୍ର ରୂପ ଧାରଣ କରି ମାଡ଼ପିଟରେ ରୂପାନ୍ତରିତ ହୋଇଥିଲା । ତେବେ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଖବର ମିଳିଛି । ଅପରପକ୍ଷରେ ଘଟଣାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଆରସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଇଓ କରନ ଶର୍ମା କହିଛନ୍ତି । ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଶିକ୍ଷୟିତ୍ରୀଙ୍କ ଏଭଳି ମାଡ଼ପିଟକୁ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଇଛି । ଏଭଳି ଘଟଣାରୁ ଛାତ୍ରୀଛାତ୍ର କ'ଣ ଶିକ୍ଷା ଗ୍ରହଣ କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ପ୍ରଥମ ପୃଷ୍ଠାରୁ...

### କେଉଁଦିନ କାହା...

ବିଶ୍ୱାସଘାତକମାନଙ୍କୁ ନବୀନ ପଟ୍ଟନାୟକ ସଦାବେଳେ ଘୃଣା କରନ୍ତି । ଗତ ୨୪ ବର୍ଷ ମଧ୍ୟରେ ଯେଉଁମାନେ ବି ଦଳୀୟ ଅନୁଶାସନ ଭିତରେ ରହି ନାହାନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସେହିକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପାଟକୁରା ଓ ଚମ୍ପୁଆରୁ ତୃଣମୂଳ ସ୍ତରରୁ ମତାମତ ଆସିବା ପରେ ଦଳର ନେତାମାନଙ୍କ ସହିତ ଆଲୋଚନା କରିବା ପରେ ମାସାଧିକ କାଳ ଭଲ ଭାବେ ବିଚାର କରି ସଭାପତି ଏହି ନିଷ୍ପତ୍ତି ନେଇଛନ୍ତି ।

ସେ କହିଛନ୍ତି, ଗୋଟିଏ ବଡ ଷଡଯନ୍ତ୍ର କରାଯାଇଥିଲା । ସନାତନ ମହାକୁଡ, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ର ଏହି ଷଡଯନ୍ତ୍ରର ଅଂଶ ଥିଲେ । ଗତ କିଛି ମାସ ଧରି ଏହି ଷଡଯନ୍ତ୍ର ଚାଲିଥିଲା । ସେଥିପାଇଁ ସେମାନଙ୍କୁ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକ କୁହାଯାଇଛି ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଦଳକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ର କରାଯାଇଥିଲା ।

ଅରବିନ୍ଦ ମହାପାତ୍ର ପ୍ରମାଣ ମାଗିବା ବକ୍ତବ୍ୟରେ ଲେନିନ ମହାନ୍ତି କହିଛନ୍ତି ଯେ ସେ କୋର୍ଟକୁ ଯାଉନାହାନ୍ତି । ଯେଉଁଠି ଦରକାର ସେଠାରେ ଆମେ ପ୍ରମାଣ ଦେବୁ । ସେଥିରେ କିଛି ଅସୁବିଧା ନାହିଁ । ବାହାରକୁ ନିରୀହ ଦେଖାଯାଉଥିବା ସମସ୍ତ ବ୍ୟକ୍ତି ସରଳ ନୁହନ୍ତି ବୋଲି ସେ ଅରବିନ୍ଦଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

ବିଜେଡି ତରଫରୁ ଏହି ପ୍ରତିକ୍ରିୟା ଆସିବା ପରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି, ମୁଁ ସ୍ପଷ୍ଟ ଭାବେ କହି ରଖିବାକୁ ଚାହେଁ ବିଧାନସଭାରେ କିଛି ସମୟ ପାଇଁ ସନାତନ ମହାକୁଡଙ୍କ ସହିତ ମୋର ଦେଖାସାକ୍ଷାତ ହୋଇଛି । ଦେଖା ହେଲେ ନମସ୍କାର କରେ । କିନ୍ତୁ ତାଙ୍କ ସହିତ କେବେ ବିଧାନସଭା ଲବିରେ ବି ବସି କଥା ହୋଇନି । ତେଣୁ ଅଯଥା ଟଣାଟଣି କରି କଥାକୁ ଯୋଡିବାକୁ ଚେଷ୍ଟା କରାଯାଉଛି । ସେହିପରି ମୁଁ ବାରମ୍ବାର କହିଛି ଯେ ବିଜୟ ମହାପାତ୍ରଙ୍କୁ ଏ ଭିତରକୁ ଟାଣନ୍ତୁ ନାହିଁ । ତାଙ୍କର କୌଣସି ସଂପୃକ୍ତି ନାହିଁ । ସେ ବିଜେଡିରେ ନାହାନ୍ତି କି ଦଳକୁ ନେଇ ତାଙ୍କର କୌଣସି ଆଗ୍ରହ ନାହିଁ । କେଉଁ ସବୁ ବିଧାୟକମାନଙ୍କ ସହିତ ମୁଁ ବସାଉଠା କରୁଥିଲି, ତା'ର ତଥ୍ୟ ଦିଅନ୍ତୁ । କେଉଁଠି ଓ କେତେବେଳେ ସେମାନଙ୍କ ସହିତ ମୁଁ ମିଶିଥିଲି କୁହନ୍ତୁ । ଭୁଲ ଭୁଲେୟା କାହାଣୀ ନକହି ସିଧାସଳଖ ଉତ୍ତର ରଖିଲେ ଠିକ୍ ହେବ ।

ଅରବିନ୍ଦ କହିଛନ୍ତି, ବିଜୟ ମହାପାତ୍ରଙ୍କର କୌଣସି ସଂପୃକ୍ତି ନାହିଁ । ତେଣୁ ସେ ବ୍ୟାକ୍‌ଅପ୍ ଦେବା କଥା ଉଠୁଛି କେଉଁଠୁ । ଯିଏ ଷଡଯନ୍ତ୍ରକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିଲେ ବୋଲି କୁହାଯାଉଛି, ତାଙ୍କ (ସନାତନ ମହାକୁଡ) ସହିତ ବିଧାନସଭାରେ ହିଁ କେବଳ ଦେଖା ହୁଏ, ତାହା ପୁଣି ବହୁତ୍ କମ୍ ସମୟରେ । ମୁଁ ସଂଗଠିତ କରିବା ଦାୟିତ୍ୱରେ ଥିଲି ବୋଲି କୁହାଯାଉଛି । ମୁଁ ପ୍ରଥମଥର ବିଧାୟକ ହୋଇଛି । ମୁଁ ମୋ ନିର୍ବାଚନ ମଣ୍ଡଳୀ ପାଟକୁରାରେ ସଂଗଠନ କରୁଛି । ପାଟକୁରା ବାହାରେ କୌଣସି ସଂଗଠନରେ ମୋର ସଂପୃକ୍ତି ନାହିଁ । ମୋର ଏଥିପ୍ରତି କୌଣସି ଆଗ୍ରହ ନାହିଁ । ବିଧାୟକ ହୋଇଛି । ନିଜ ନିର୍ବାଚନ ମଣ୍ଡଳୀ ସମ୍ଭାଳିବାକୁ ହେବ । ବିଧାନସଭାରେ ନିଜ ନିର୍ବାଚନ ମଣ୍ଡଳୀ କଥା ଉଠାଇବି । ରାଜ୍ୟର ବଡ ସମସ୍ୟା ବିଷୟ ଉଠାଇବି । ଏତିକି ଭିତରେ ମୁଁ ସୀମିତ ହୋଇ ରହିଛି । ତେଣୁ ଏହି ଯେଉଁ ସଂଗଠିତ କରିବା ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିଲା ବୋଲି କୁହାଯାଉଛି, ତାହା ଭିତ୍ତିହୀନ । ଏହା ପଛରେ କିଛି ତଥ୍ୟ ନାହିଁ । ଭିତ୍ତିହୀନ ଅଭିଯୋଗ କରନ୍ତୁ ନାହିଁ । ଯାହା ଅଭିଯୋଗ ଆଣିଛନ୍ତି, ତାକୁ ସାବ୍ୟସ୍ତ କରନ୍ତୁ । ତା'ପରେ ନୂଆ ଅଭିଯୋଗ ଆଣନ୍ତୁ ।

### ଲାଭ କରୁଥିବା...

ଅଧିକ ଥିବାରୁ ରାଜ୍ୟର ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହୋଇଛି । କେନ୍ଦ୍ର ସରକାର କୋଇଲା ଉତ୍ପାଦନ ଉପରେ ଲାଗୁହୋଇଥିବା ଟନ ପିଛା ୪୦୦ ଟଙ୍କା ଜିଏସଟି କ୍ଷତିପୂରଣ ସେସକୁ ସମ୍ପୂର୍ଣ୍ଣ ବିଲୋପ କରିଥିବା ବେଳେ ଗ୍ରୀଡ୍‌କୋ ଏବଂ ଓପିଜିସି ଏହାର ଲାଭକୁ ଉପଭୋକ୍ତାଙ୍କୁ ନଦେଇ ବିଦ୍ୟୁତମୂଲ୍ୟ ବୃଦ୍ଧିପାଇଁ ଯୁକ୍ତି ରଖିବା ସେମାନଙ୍କର ଉପଭୋକ୍ତା ଶୋଷଣ ନୀତିକୁ ସ୍ପଷ୍ଟ ଦର୍ଶାଉଛି । ସେହିପରି ଗତ ଆଠବର୍ଷରେ (୨୦୧୭-୧୮ ରୁ ୨୦୨୪-୨୫) ବିତରଣ କମ୍ପାନୀଗୁଡିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ବିଦ୍ୟୁତମୂଲ୍ୟ ଠାରୁ ଅଧିକ ୭୧୪୫ କୋଟି ଟଙ୍କା ଉପଭୋକ୍ତାଙ୍କ ଠାରୁ ଅଦାୟ କରିଛନ୍ତି ଯାହାକୁ ବିଦ୍ୟୁତ ଆଇନ ଅନୁସାରେ ସୁଧସହ ଫେରସ୍ତ କରିବାରେ ଆୟୋଗ ବିଫଳ ହୋଇଛନ୍ତି । ସରକାରୀ ଉଦ୍ୟୋଗର ବାଲାନ୍ସସିଟରେ ଥିବା ସମ୍ପତ୍ତି ଠାରୁ ଅଧିକ ସମ୍ପତି ଉପରେ ଡେପ୍ରିସିଏସନ ମଞ୍ଜୁର ଓ ସରକାରୀ ଅଂଶଧନ ଉପରେ ୧୬% ଖର୍ଚ୍ଚ ଆୟୋଗ ମଞ୍ଜୁର କରିବା ଦ୍ୱାରା ବିଦ୍ୟୁତମୂଲ୍ୟ ଅକାରଣେ ବୃଦ୍ଧି ପାଇଛି । ଏହାକୁ ବନ୍ଦ କରିବା ପାଇଁ ଶ୍ରୀ ମହାପାତ୍ର ସତ୍ୟପାଠରେ ଆୟୋଗଙ୍କୁ ନିବେଦନ କରିଛନ୍ତି ।

ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପ୍ରଣାଳୀରେ ଭାଗନେବା ନେବା ପାଇଁ ଯେଉଁ ଆପତିକର୍ତ୍ତାମାନେ ସତ୍ୟପାଠ ଦାଖଲ କରିଛନ୍ତି ସେମାନଙ୍କର ଦରଖାସ୍ତଗୁଡିକୁ ଯାଞ୍ଚ କରି ଆୟୋଗ ଆସନ୍ତା ସପ୍ତାହରେ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସେମାନଙ୍କର ନାମ ସହିତ ଜନଶୁଣାଣୀ ତାରିଖ ଓ ସ୍ଥାନ ଅବଗତ କରିବେ । ଆସନ୍ତା ଫେବ୍ରୁଆରି ପ୍ରଥମ ସପ୍ତାହରେ ଜନ ଶୁଣାଣୀ ଆରମ୍ଭ ହେବା ଆଶା କରାଯାଉଛି ।

### ୧୦ ଆକାଂକ୍ଷୀ...

ପାଳନର ଶୁଭାରମ୍ଭ । ଆଜିଠାରୁ ୭ଦିନ ଭାବରେ ନାରୀ ଅଦାଲତ କାର୍ଯ୍ୟକ୍ରମ କରାଯିବ । ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗାଁରେ ମେଡିଏସନ୍ ସେଣ୍ଟର ସୃଷ୍ଟି ହେବ । ଗାଁରେ ନ୍ୟାୟାଳୟ ଚାଲିବ, ମହିଳାମାନେ ତାକୁ ଚଳାଇବେ । ନ୍ୟାୟ ଶକ୍ତି ଭାବରେ ତାଙ୍କୁ ମାନ୍ୟତା ଦିଆଯିବ । କେମିତି ମାମଲାଗୁଡ଼ିକର ସମାଧାନ ହେବ ସେଥିପାଇଁ ତାଙ୍କୁ ଟ୍ରେନିଂ ଦିଆଯିବ । ୭ରୁ ୮ଜଣ ସଖି ଭାବରେ କାର୍ଯ୍ୟ କରିବେ । ମାର୍ଗଦର୍ଶିକାର ଶୁଭ ଉନ୍ମୋଚନ, ଯାଜପୁରରେ ନବ ନିର୍ମିତ ଉତ୍କଳ ବାଳାଶ୍ରମ ଓ ଆଧୁନିକ ରୋଷେଇ ବ୍ୟବସ୍ଥାର ଉଦଘାଟନ, ଖୋର୍ଦ୍ଧା ଏବଂ ଗଜପତିରେ ସମନ୍ୱିତ ବତ୍ସଲ୍ୟ ସଦନର ଭିତ୍ତିପ୍ରସ୍ତର ସ୍ଥାପନ, ପୁରୀର ଉତ୍କଳ ବାଳାଶ୍ରମରେ ଆଧୁନିକ ରୋଷଇ ବ୍ୟବସ୍ଥାର ଉଦଘାଟନ, ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ସର୍ବପରି ୧୦ଟି ଆକାଂକ୍ଷୀ ଜିଲ୍ଲାରେ ସଚେତନତା, ନ୍ୟାୟ ଓ ସମାଧାନର ବିକଳ୍ପ ମଞ୍ଚ ନାରୀ ଅଦାଲତର ଶୁଭାରମ୍ଭ କରାଯାଇଥିଲା ।

### ବିମାନ ଦୁର୍ଘଟଣାରେ...

ହସ୍ପିଟାଲରେ ଥିଲେ ସେଠାରେ ଏବେ ତାଙ୍କ ଭଉଣୀ ଅନୀତା ସାହୁ ଓ ଦୁଇ ପାଇଲଟ ଚିକିତ୍ସିତ ହେଉଛନ୍ତି । ଅନୀତା ସୁସ୍ଥ ହେଉଛନ୍ତି । ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଛି । ସେହିଭଳି ଦୁଇ ପାଇଲଟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି । ଅନ୍ୟପକ୍ଷରେ ଆଉ ଦୁଇ ଜଣ ଯାତ୍ରୀ ସୁନୀଲ ଅଗ୍ରୱାଲ ଓ ସବିତା ଅଗ୍ରୱାଲ ପୂର୍ବରୁ ମୁମ୍ବାଇକୁ ଏୟାର ଲିଫ୍ଟ ହୋଇଛନ୍ତି । ୯ ଆସନ ବିଶିଷ୍ଟ ଏହି ବିମାନଟି ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା । ରାଉରକେଲାରେ ପହଞ୍ଚିବାକୁ ଆଉ ମାତ୍ର ୧୫ ମିନିଟ୍ ବାକି ଥିବା ବେଳେ ଜଲଦା ଏ ବ୍ଲକ୍ ନିକଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ ବିମାନଟି ଫୋର୍ସ ଲ୍ୟାଣ୍ଡିଂ କରିଥିଲା । ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ବିମାନ ମଧ୍ୟରୁ ଆହତମାନଙ୍କୁ ଉଦ୍ଧାର କରିଥିଲେ । ବିମାନଟି କାହିଁକି ଦୁର୍ଘଟଣାଗ୍ରସ୍ତ ହେଲା, ତାହା ଏଯାଏ ଜଣାପଡିନାହିଁ । ଏହାର ତଦନ୍ତ ଚାଲିଛି ।

### କାର-ଅଟୋ ଧକ୍କା...

ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ସୂଚନା ଅନୁଯାୟୀ, ବରୁଣ ଓ ବାବୁଲା ଫୁଲବାଣୀରେ ରହି ଯୁକ୍ତ ଦୁଇରେ ପାଠ ପଢୁଛନ୍ତି । ଶନିବାର ସନ୍ଧ୍ୟାରେ ଏହି ତିନି ଜଣ ଏକ ଅଟୋରେ ଫୁଲବାଣୀରୁ ନିଜ ଗ୍ରାମ ସଦର ବ୍ଲକ ମିଣିଆକାଠିକୁ ଯାଉଥିଲେ । ଦାତପାଜୁ ନିକଟରେ ବୌଦ୍ଧ ପଟୁ ଆସୁଥିବା ଏକ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ଗାଡି ଘଟଣା ସ୍ଥଳରେ ହୁତୁହୁତୁ ହୋଇ ଜଳି ଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁ ଲିଭାଇଥିଲେ । ତେବେ ସେତେବେଳକୁ ଅଟୋରେ ବସିଥିବା ତିନି ଯାତ୍ରୀ ଜଳି ଯାଇଥିଲେ । ବରୁଣଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇ ଯାଇଥିଲା । ଅନ୍ୟ ଦୁଇଜଣଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସଦର ପୁଲିସ ପହଞ୍ଚି ତଦନ୍ତ କରୁଛି ।

### ଇଣ୍ଡିଗୋକୁ...

ଡ଼ିଜିସିଏ କହିଛି ଯେ ଇଣ୍ଡିଗୋ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଏୟାରଲାଇନ୍ସର ପରିଚାଳନା ବିଫଳତାର ସମୀକ୍ଷା ପରେ କରାଯାଇଛି, ଯାହା ଯାତ୍ରୀ ମାନଙ୍କୁ ବ୍ୟାପକ ଅସୁବିଧାର ସମ୍ମୁଖୀନ କରିଥିଲା । ଡ଼ିଜିସିଏ ଦେଶର ସର୍ବବୃହତ ବିମାନ କମ୍ପାନୀ ଉପରେ ୬୮ ଦିନ ପାଇଁ ପ୍ରତିଦିନ ୩ ଲକ୍ଷ ଲେଖାଏ ଜରିମାନା ଲଗାଇଛି ଏବଂ ଏହା ସହ ଇଣ୍ଡିଗୋ ଉପରେ ୧.୮୦ କୋଟି ଟଙ୍କାର ଜରିମାନା ମଧ୍ୟ କରିଛି । ଏହା କମ୍ପାନୀ ଉପରେ ଲାଗୁ ହୋଇଥିବା ମୋଟ ଜରିମାନା ୨୨.୨ କୋଟିକୁ ପହଞ୍ଚାଇଛି । ଡିସେମ୍ବରରେ ଡ଼ିଜିସିଏ ଇଣ୍ଡିଗୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କମ୍ପାନୀକୁ ଏହାର ମୋଟ ଉଡ଼ାଣ ୧୦ ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଡିସେମ୍ବର ୮ ତାରିଖରେ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ରାଜ୍ୟସଭାକୁ ସୂଚନା ଦେଇଥିଲେ ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରସ୍ତୁତ ନୂତନ ଉଡ଼ାଣ ଡ୍ୟୁଟି ସମୟ ସୀମା (ଏଫଡିଟିଏଲ) ମାନଦଣ୍ଡରେ ମୋଟ ୨୨ ଟି ଏଫଡିଟିଏଲ ନିର୍ଦ୍ଦେଶାବଳୀ ରହିଛି, ଯାହା ମଧ୍ୟରୁ ୧୫ଟି ଜୁଲାଇ ୧, ୨୦୨୫ରୁ ଏବଂ ବାକି ୭ଟି ନଭେମ୍ବର ୧, ୨୦୨୫ରୁ କାର୍ଯ୍ୟକାରୀ ହୋଇଥିଲା ।

### ଆସନ୍ତାବର୍ଷ ଫେବୃଆରୀରେ...

ଏ ସଂପର୍କରେ ବିବିଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପିପିଟି ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା । କଟକ ଖୋର୍ଦ୍ଧା, ବାଲେଶ୍ୱର, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଯାଜପୁର, ଜିଲ୍ଲାପାଳ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେବା ସହ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ତଥା ନିର୍ବାଚନ ସହ ସଂପୃକ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

### ସରକାରଙ୍କ ଅନୁମତି...

ଲାଗୁ କରାଯିବ । ପୁରୀରେ ବସିଥିବା ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ପରେ ସମସ୍ତଙ୍କ ରାୟ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜେ ଏହି ସୂଚନା ଦେଇଛନ୍ତି ।

## କେନ୍ଦ୍ରର ୬୦କୁ ରାଜ୍ୟର ୫୦ : କାହାକୁ ମାନିବେ ଲୋକେ ?

**ଭୁବନେଶ୍ୱର, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କାର, ବାଇକ, ଅଟୋ, ଟ୍ରକ ନେଇ ଆପଣ ଭୁବନେଶ୍ୱରରୁ ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ଦେଇ ଯାଉଛନ୍ତି କି ? ଯଦି ଯାଉଛନ୍ତି ହୋଇଯାନ୍ତୁ ସତର୍କ । ୩୧୬ ନମ୍ବର ଜାତୀୟ ରାଜପଥରେ ଲଗିଛି ପୃଥକ ପୃଥକ ବଡ଼ ବଡ଼ ହୋର୍ଡିଂ । କେତେବେଳେ କେଉଁ ସମୟରେ ଆପଣଙ୍କ ମୋବାଇଲକୁ ଆସିପାରେ ମୋଟା ଅଙ୍କର ଫାଇନ କଟିଥିବା ମେସେଜ । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ପ୍ରତି ପାଞ୍ଚ କିଲୋମିଟର ଦୂରରେ ଲାଗିଛି କ୍ୟାମେରା । ଗାଡି ଚାଳକଙ୍କ ପ୍ରତିଟି ଗତିବିଧି ଉପରେ ନଜର ରଖୁଛି ପରିବହନ ବିଭାଗ । ଏପଟେ କୋଉ ଗାଡି କେତେ ସ୍ପିଡ୍ ଭିତରେ ଯିବ ତାକୁ ନେଇ ଦ୍ୱନ୍ଦ୍ୱରେ ଗାଡି ଚାଳକ । କେନ୍ଦ୍ର କହୁଛି ୬୦, ରାଜ୍ୟ କହୁଛି ୫୦ । କାହା ନିର୍ଦ୍ଦେଶ ମାନିବେ ଲୋକେ । ଗାଡି ଚାଳକଙ୍କ ପାଇଁ ଏବେ ମୁଣ୍ଡ ବିନ୍ଧାର କାରଣ ଜାତୀୟ ରାଜପଥର ସୂଚନା ହୋର୍ଡିଂ ।

ଗୋଟେ ପଟେ ପୁରୀ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ଅଛି ବୋଲି ସ୍ପଷ୍ଟ ଭାବରେ ହୋର୍ଡିଂରେ ଲଗାଯାଇଛି ଯେ ବାଇକ ୫୦, କାର ୭୦, ଟ୍ରକ ୫୦ ବେଗରେ ଜାତୀୟ ରାଜପଥରେ ଯିବେ । ଅନ୍ୟପଟେ ଜାତୀୟ ରାଜପଥ ତରଫରୁ ଅନ୍ୟ ଏକ ହୋର୍ଡିଂରେ ଲେଖାଯାଇଛି ବାଇକ ୬୦, ଅଟୋ ୪୦, କାର ୮୦, ଟ୍ରକ ୬୦ ସ୍ପିଡ୍‌ରେ ଯାଇପାରିବେ । ଦୁଇଟି ହୋର୍ଡିଂରେ ଦୁଇ ପ୍ରକାରର କଥା । କାହା କଥା




ମାନିବେ ଗାଡି ଚାଳକ, ସେ ନେଇ ଦ୍ୱନ୍ଦ୍ୱରେ । ଏପଟେ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥରେ ଫାଇନ ଚାଲାଣ କାଟିବା ପାଇଁ ଛଞ୍ଚାଣ ଆଖିରେ ଅନାଇ ବସିଛି ସିସିଟିଭି କ୍ୟାମେରା । ପ୍ରତି ପାଞ୍ଚ କିଲୋମିଟର ବ୍ୟବଧାନରେ ଚାହିଁଛି । କାହାର କେଉଁ ସମୟରେ ଚାଲାଣ କଟୁଛି କେହି ଜାଣିପାରୁନଥିବା ବେଳେ ଏବେ ଜାତୀୟ ରାଜପଥରେ ଲଗାଯାଇଥିବା ଭିନ୍ନ ଭିନ୍ନ ହୋର୍ଡିଂ ଦେଖି ଗାଡି ଚାଳକ ଆଶ୍ଚର୍ଯ୍ୟ ।

## ଚୀନ୍‌ରେ ନୋରୋଭାଇରସ୍ : ୧୦୦ରୁ ଅଧିକ ସଂକ୍ରମିତ

**ନୂଆଦିଲ୍ଲୀ, ୧୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚୀନର ଉହାନ ସହରରୁ ଆରମ୍ଭ ହୋଇଥିବା କୋଭିଡ-୧୯ ସାରା ବିଶ୍ୱରେ ଭୟ ସୃଷ୍ଟି କରିଥିଲା । ଏହି ସଂକ୍ରମଣ ୨୦୧୯ ଶେଷ ଭାଗରେ ଆରମ୍ଭ ହୋଇଥିଲା । ଏବେ ଆଉ ଏକ ଭାଇରସ ସଂକ୍ରମଣ ଆତଙ୍କ ସୃଷ୍ଟି କରିଛି । ଏହି ଭାଇରସକୁ ନୋରୋଭାଇରସ୍ କୁହାଯାଉଛି । ଏହି ଭାଇରସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଗୋଟିଏ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏହାଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଦକ୍ଷିଣ ଚୀନର ଗୁଆଙ୍ଗଡୋଙ୍ଗ ପ୍ରଦେଶର ଫୋସାନ ସହରର ଏକ ସିନିୟର ହାଇସ୍କୁଲର ୧୦୩ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟ ନୋରୋଭାଇରସ ପଜିଟିଭ୍ ଆସିଛି । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଶନିବାର କହିଛନ୍ତି ଯେ, କୌଣସି ମାମଲା ଗୁରୁତର ନୁହେଁ । ଏନେଇ କୌଣସି ମୃତ୍ୟୁ ରିପୋର୍ଟ ହୋଇନାହିଁ ।

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ଲକ୍ଷଣ ପ୍ରକାଶ ପାଇଥିଲା । ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି । ସ୍କୁଲ କ୍ୟାମ୍ପସକୁ ପରିଷ୍କାର କରାଯାଇଛି । ସଂକ୍ରମଣକୁ ନେଇ ଏକ ମହାମାରୀ ସର୍ଭେ ଚାଲିଛି । ଗୁଆଙ୍ଗଡୋଙ୍ଗ ପ୍ରାଦେଶିକ ରୋଗ ନିୟନ୍ତ୍ରଣ ବିଭାଗ ଅନୁଯାୟୀ, ଏଠାରେ ନୋରୋଭାଇରସ୍ ପ୍ରକୋପ ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିଥାଏ । ନୋରୋଭାଇରସ୍ ଏକ ସାଧାରଣ ଭାଇରସ୍ ଯାହା ପେଟକୁ ପ୍ରଭାବିତ କରିଥାଏ । ଏହା ଯୋଗୁ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ସ୍ଥିତି ସୃଷ୍ଟି ହୋଇଥାଏ । ଶୀତଦିନେ ନୋରୋଭାଇରସ୍ ମାମଲା ସବୁଠାରୁ ଅଧିକ ଦେଖାଯାଇଥାଏ । ଏହା ଆମେରିକାରେ ଖାଦ୍ୟଜନିତ ରୋଗର ଏକ ନମ୍ବର କାରଣ । ପ୍ରତିବର୍ଷ, ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହୋଇଥାନ୍ତି । ସାରା ବିଶ୍ୱରେ ପ୍ରାୟ ୬୮୫ ନିୟୁତ ଲୋକ ନୋରୋଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୫ ବର୍ଷରୁ କମ୍ ବୟସର ୨୦୦ ନିୟୁତ ପିଲା ରହିଥାନ୍ତି । ଏହି ଭାଇରସ୍ ଯୋଗୁ ପ୍ରତିବର୍ଷ ପ୍ରାୟ ୨୦୦,୦୦୦ ମୃତ୍ୟୁ ଘଟାଇଥାଏ । ମୃତକଙ୍କ ମଧ୍ୟରେ ପ୍ରାୟ ୫୦,୦୦୦ ପିଲା ମଧ୍ୟ ରହିଥାନ୍ତି । ଏହାର ପ୍ରଭାବ ଗରିବ ଦେଶଗୁଡ଼ିକରେ ବିଶେଷ ଭାବରେ ଗୁରୁତର ହୋଇଥାଏ । ଏହା ବିଶ୍ୱକୁ ପ୍ରାୟ ୬୦ ବିଲିୟନ ଡଲାର କ୍ଷତି ପହଞ୍ଚାଇଥାଏ । ପ୍ରଥମ ମାମଲା ୧୯୬୮ ମସିହାରେ ଆସିଥିଲା ।

## ବେଗ ନିୟନ୍ତ୍ରଣ ଆମ ବସ୍ ଯାତ୍ରୀଙ୍କ ପାଇଁ ସମସ୍ୟା

**ଭୁବନେଶ୍ୱର, ୧୭।୧**
**ତଥ୍ୟ**

ସଡକ ଦୁର୍ଘଟଣାକୁ ଏଡାଇବା ପାଇଁ କ୍ରୁଟ୍ କର୍ତ୍ତୃପକ୍ଷ ମୋ ବସ୍‌ର ବେଗ କମାଇବା ଏବେ ରାଜଧାନୀର ବସ୍ ଯାତ୍ରୀଙ୍କ ପାଇଁ ସମସ୍ୟା ହୋଇଛି । ବେଗ କମିବା ଯୋଗୁଁ ବସ୍ ଚଳାଚଳର ସମୟ ବଢିଛି । ଏଥିଯୋଗୁଁ କେବଳ ବସରେ ଭିଡ ହେଉନାହିଁ, ଲୋକେ ବି ଠିକଣା ସମୟରେ ନିଜ ଗନ୍ତବ୍ୟସ୍ଥଳରେ ପହଁଚି ନପାରି ଅନ୍ୟ ପରିବହନରେ ଯିବାକୁ ବାଧ ହେଉଛନ୍ତି ।

ରାଜଧାନୀରେ କ୍ରୁଟ୍ କର୍ତ୍ତୃପକ୍ଷ ୭୦ଟି ରୁଟ୍‌ରେ ୩୭୧ଟି ବସ୍ ଚଳାଉଛନ୍ତି । ଏଥି ମଧ୍ୟରେ କୋଣାର୍କ, ପୁରୀ, କଟକ, ନିଆଳି ଆଦି ରୁଟ୍ ରହିଛି । ଏଥିଯୋଗୁଁ ସହର ଭିତରେ ଚଳାଚଳ କରୁଥିବା ବସ୍ ସଂଖ୍ୟା କମିଯାଉଛି । ତେବେ ନିକଟରେ ଘଟିଥିବା ଆମ୍ ବସ୍ ଦୁର୍ଘଟଣା ଓ ଏହାକୁ ନେଇ ଅଟୋ ଚାଳକଙ୍କ ଆନ୍ଦୋଳନ ପରେ କ୍ରୁଟ୍ କର୍ତ୍ତୃପକ୍ଷ ବସ୍‌ର ବେଗକୁ ସର୍ବାଧିକ ୪୦



କିଲୋମିଟର ବେଗ କରିଦେଇଛନ୍ତି ।

ଏଥିଯୋଗୁଁ ଯେଉଁ ରୁଟ୍‌ରେ ବ୍ୟବଧାନରେ ଗୋଟିଏ ମୋ ବସ୍ ମିଳିଯାଉଥିଲା ଏବେ ସେଠାରେ ଯାତ୍ରୀଙ୍କୁ ଅଧଘଣ୍ଟାରୁ ଅଧିକ ଅପେକ୍ଷା କରିବାକୁ ପଡୁଛି । ତେକେକ ସ୍ଥଳରେ ଯାତ୍ରୀମାନେ ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି । ଏହା ଫଳରେ ବସ୍ ଭିତରେ ବସୁଥିବା ଯାତ୍ରୀଙ୍କ ସଂଖ୍ୟା ତୁଳନାରେ ଛିଡା ହେଉଥିବା ଯାତ୍ରୀଙ୍କ ସଂଖ୍ୟା ଅଧିକ ରହୁଛି ।

କର୍ତ୍ତୃପକ୍ଷଙ୍କ କଟକଣା ଯୋଗୁଁ ଫାଙ୍କା ରାସ୍ତା ପାଇଲେ ମଧ୍ୟ ଚାଳକମାନେ ଗାଡିକୁ ଜୋରରେ ଚଳାଇ ପାରୁ ନାହାନ୍ତି । ପୂର୍ବରୁ କଟକଣା ରହିଥିଲେ ମଧ୍ୟ ଫାଙ୍କା ରାସ୍ତାରେ ଚାଳକମାନେ ଟିକେ ଅଧିକ ବେଗରେ ଗାଡି ଚଳାଇ ସମୟ ଅପଚୟକୁ ରୋକି ପାରୁଥିଲେ । ଏବେ କିନ୍ତୁ ଆଉ ତାହା ହେଉନାହିଁ ।

ସହରରେ ବସ୍ ସଂଖ୍ୟାରେ ବୃଦ୍ଧି ନକରି ହଠାତ୍ ଏଭଳି ବେଗ ନିୟନ୍ତ୍ରଣ କଟକଣା ଏବେ ଆମ ବସ୍ ଯାତ୍ରୀଙ୍କ ପାଇଁ ସମସ୍ୟା ହୋଇଛି । ଗୋଟିଏ ପଟେ ବସ୍ ଭିତରେ ପ୍ରବଳ ଭିଡ ଓ ଅନ୍ୟ ପଟେ ଠିକଣା ସମୟରେ ନପହଞ୍ଚିବାର ଭୟ ଯୋଗୁଁ ସେମାନେ ଏବେ ଆମ ବସ୍ ତୁଳନାରେ ଅନ୍ୟ ପରିବହନକୁ ଆପଣେଇବାରେ ଲାଗୁଛନ୍ତି ।

ଉଲ୍ଲେଖନୀୟ ଯେ ଆମ ବସ୍‌ରେ ସରକାର ମହିଳା, ଛାତ୍ରଛାତ୍ରୀ, ବୟସ୍କମାନଙ୍କ ପାଇଁ ସରକାର ରିହାତି ବ୍ୟବସ୍ଥା ଲାଗୁ କରିଥିବାରୁ ଦିନକୁ ଦିନ ବସ୍ ଯାତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ବର୍ତ୍ତମାନ ଦିନକୁ ହାରାହାରି ୨ଲକ୍ଷ ୬୫ହଜାର ଯାତ୍ରୀ ଆମ ବସ୍‌ରେ ଯାତ୍ରା କରୁଛନ୍ତି । ଏହାଦ୍ୱାରା କେବଳ ଲୋକଙ୍କର ଅର୍ଥ ସଞ୍ଚୟ ହେଉନଥିଲା, ରାଜଧାନୀରେ ପ୍ରଦୂଷଣ ହ୍ରାସ ପାଇବା ସହିତ ରାସ୍ତାରେ ଭିଡ ବି ହ୍ରାସ ପାଇଥିଲା । ହେଲେ ଦୁର୍ଘଟଣା ରୋକିବାପାଇଁ ହଠାତ୍ ସରକାରଙ୍କର ଏଭଳି ପଦକ୍ଷେପ ଏବେ ରାଜଧାନୀର ପରିବହନ ବ୍ୟବସ୍ଥାର ସୁଗମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲାଣି । ଖୁବ୍‌ଶୀଘ୍ର ନିଷ୍ପତ୍ତିରେ ସଂଶୋଧନ କିମ୍ବା ବସ୍ ସଂଖ୍ୟା ବୃଦ୍ଧି ନକଲେ ପୂର୍ବବସ୍ଥା ସୃଷ୍ଟି ହେବବୋଲି ଭିଡରେ ନୟାନ୍ତ ହେଉଥିବା ଯାତ୍ରୀମାନେ ମତ ଦେଉଛନ୍ତି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ